ଔପନ୍ୟାସିକ

# ଗୋପୀନାଥ

ଅଧ୍ୟାପକ ବ୍ରହ୍ମାନନ୍ଦ ସିଂହ

# ଔପନ୍ୟାସିକ ଗୋପୀନାଥ

# ଔପନ୍ୟାସିକ ଗୋପୀନାଥ

ଶ୍ରୀ ବ୍ରହ୍ମାନନ୍ଦ ସିଂହ
ଅଧ୍ୟାପକ, ଓଡ଼ିଆ ବିଭାଗ
ଖଲ୍ଲିକୋଟ କଲେଜ, ବ୍ରହ୍ମପୁର

ନ୍ୟୁ ବୁକ୍ ଷ୍ଟୋର
ବ୍ରହ୍ମପୁର

# ଔପନ୍ୟାସିକ ଗୋପୀନାଥ

ଅଧ୍ୟାପକ ବ୍ରହ୍ମାନନ୍ଦ ସିଂହ
ଖଲ୍ଲିକୋଟ କଲେଜ, ବ୍ରହ୍ମପୁର ।

ପ୍ରକାଶକ
ଶ୍ରୀ ଭାସ୍କରଚନ୍ଦ୍ର ପାତ୍ର
ବିଜୟ ବୁକ୍ ଷ୍ଟୋର
ବ୍ରହ୍ମପୁର ।
ମୁଦ୍ରଣ
ସ୍ୱାଧୀନ ପ୍ରେସ୍
ବ୍ରହ୍ମପୁର ।
ସମ୍ପାଦନା
ସମୀକ୍ଷା ସଂସଦ, ବ୍ରହ୍ମପୁର
ମୂଲ୍ୟ : ଅବନ୍ଧା — ଟ ୩-୫୦
ବନ୍ଧା — ଟ ୪-୫୦

## OUPANYASIKA GOPINATHA

**Sri Brahmananda Sinha**
Lecturer,
Dept. of Oriya
Khallikote College
Berhampur.

Publisher
Sri Bhaskar Chandra Patro
**Bijoy Book Store**
Berhampur.
Printed at ;
**Swadheen Press**
Berhampur.
Edited by
**Samiksha Sansad**
Berhampur.
Price :
**Ordinary Rs. 3-50**
**Deluxe Rs. 4-50**




ବିଂଶ ଶତାବ୍ଦୀର ଚତୁର୍ଥ ଦଶକ ଠାରୁ ଏ ଯାବତ୍ ଆମ ସମାଲୋଚନା ସାହିତ୍ୟ ନିଷ୍ଠାପର ଭାବେ କୌଣସି ନିର୍ଦ୍ଦିଷ୍ଟ ଯୋଜନାବଦ୍ଧ ଧାରାର ଅନୁଗାମୀ ହୋଇଛି ବୋଲି କହି ହେବ ନାହିଁ । ଖୁବ୍ କ୍ୱଚିତ୍ କ୍ଷେତ୍ରରେ ବିଧିବଦ୍ଧ ଭାବେ ଏକକ ବିଷୟ-ଭିତ୍ତିକ ଆଲୋଚନା ଗ୍ରନ୍ଥ ପ୍ରକାଶ ପାଇଛି । ଆମର ସମୀକ୍ଷା-ସମ୍ପଦ ଏପରି ଯେ, ଆଗ୍ରହୀ ଅଧ୍ୟାୟୀମାନେ ଜଣେ କବି, ସାହିତ୍ୟିକ ବା ସାହିତ୍ୟର କୌଣସି ବିଭବକୁ ଯଥାର୍ଥଭାବେ ଜାଣିବାକୁ ସ୍ପୃହିଲବେଳେ ଏକାଧିକ ରେଫରେନ୍ସ ପୁସ୍ତକ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି । କାରଣ ପ୍ରକାଶିତ ବହୁ ସମାଲୋଚନା ଗ୍ରନ୍ଥର ବିଷୟ-ସଙ୍ଖ୍ୟା ଇତଃସ୍ତତ । ତେଣୁ ସାଧାରଣ ଅନୁସନ୍ଧିତ୍ସୁ ଚତୁର୍ଦ୍ଦିଗ ବୁଲି କୌଣସି ବିଷୟରେ ପ୍ରାଥମିକ ତଥ୍ୟ ଜାଣିବାକୁ ଚାହନ୍ତି ନାହିଁ କିଂବା ସେଥିନେଇ ତାର ଧୈର୍ଯ୍ୟ ସହୁ ନାହିଁ । ପରିକଳ୍ପନାଗତ ତ୍ରୁଟି ଏଥିପାଇଁ ଦାୟୀ । ବହୁ ସାହିତ୍ୟ-ପୁରୁଷ ଏବଂ ସାହିତ୍ୟିକ ବିଭବ ଏବେ ବି ଅନାଲୋଚିତ ହୋଇ ରହିଛନ୍ତି ।

ଦରକାରୀ ହେଲେ ବି, ମନନଶୀଳ ଓ ବିଶ୍ଳେଷଣାତ୍ମକ ଦୃଷ୍ଟିଭଂଗୀର ଅଭାବ ହେତୁ ଏବଂ ସ୍ଥୂଳ କଳେବରବିଶିଷ୍ଟ ହୋଇ ସମୀକ୍ଷା ଗ୍ରନ୍ଥଗୁଡ଼ିକ ଅଯଥା ଦୁର୍ମୂଲ୍ୟ ହୋଇ ପଡ଼ୁଥିବାରୁ ତରୁଣ ପ୍ରଜ୍ଞାପ୍ରେମୀଙ୍କ ଲାଗି ଏହା ସହଜଲଭ୍ୟ ହୋଇ ପାରୁନାହିଁ । ଫଳତଃ ଆଗାମୀ ବଂଶଧରମାନଙ୍କ ମନରେ ଉତ୍କୃଷ୍ଟ ସମୀକ୍ଷଣ-ଚେତନା ଜାଗରଣରେ ଆମ ସମାଲୋଚନା ସାହିତ୍ୟ ଅସମର୍ଥ ହୋଇ ପଡ଼ୁଛି ।

ଏଥିପ୍ରତି ସଚେତନ ହୋଇ ସମାଲୋଚନା ସାହିତ୍ୟ ପାଇଁ ଏକ ପ୍ରଶସ୍ତ କ୍ଷେତ୍ର ପ୍ରସ୍ତୁତ କରିବା ଆଶାରେ ସମୀକ୍ଷା ସଂସଦ ଜନ୍ମ ନେଇଛି । ଏହାର ପ୍ରଥମ (୧୬-୧-୧୯୭୨) ଓ ପରବର୍ତ୍ତୀ ଅଧିବେଶନଗୁଡ଼ିକ ଅଧ୍ୟାପକ ଶ୍ରୀ ନାୟକଙ୍କର ବାସଭବନରେ ଅନୁଷ୍ଠିତ ହୋଇ ଏ ସଂକ୍ରାନ୍ତୀୟ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛି । ଏହି କାର୍ଯ୍ୟକ୍ରମ ଅନୁଯାୟୀ ଓଡ଼ିଆ କାବ୍ୟ ସାହିତ୍ୟ, କଥା ସାହିତ୍ୟ, ନିବନ୍ଧ ସାହିତ୍ୟ ଏବଂ ସାହିତ୍ୟ-ସାଧକଙ୍କ ଉପରେ କ୍ରମାନ୍ୱୟରେ ଉତ୍କୃଷ୍ଟ ମନୋଗ୍ରାଫ୍ ପ୍ରକାଶ ପାଇବ ।

୧୫, ମେ ୧୯୭୧ରେ କବି ନୀଳକଂଠ ପ୍ରକାଶ ପାଇଲା ପରେ ଔପନ୍ୟାସିକ ଗୋପୀନାଥ ଆଜି ଆତ୍ମପ୍ରକାଶ କରୁଛି ଏବଂ କବି ଅଭିମନ୍ୟୁ, ଗାଳ୍ପିକ ଫକୀରମୋହନ ଓ ଚର୍ଯ୍ୟାପଦର ଭାଷା ଇତ୍ୟାଦି ଅନ୍ୟ ଗ୍ରଂଥସବୁ ମୁଦ୍ରଣ ମନ୍ଦିରରୁ ପ୍ରକାଶ ଆଲୋକର ଅପେକ୍ଷା ରଖିଛନ୍ତି ।

ସଂସଦର ସଂପାଦନା ବିଭାଗ ଏହି ଯୋଜନାଟିକୁ କାର୍ଯ୍ୟକାରୀ କରୁଛନ୍ତି । ଏକାଂତ ଭାବେ, **Critic workshop**ର ପ୍ରାଣଶକ୍ତି ଯୋଗ ଯୌଥ ଉଦ୍ୟମରେ ଏହି ପରିକଳ୍ପନାଟି ହାତକୁ ନିଆଯାଇଛି ଏବଂ ବ୍ରହ୍ମପୁରର ଉତ୍ସାହୀ ପ୍ରକାଶନ ପ୍ରତିଷ୍ଠାନ ବିଜୟ ବୁକ୍ ଷ୍ଟୋର, ଏହି ଅଭିନବ ଉଦ୍ୟମର ପ୍ରଚାର ଦାୟିତ୍ୱ ବହନ କରିଛନ୍ତି ।

ଆମେ ବିଶ୍ୱାସ କରୁଛୁଁ, ଆମର ଏଇ ନୂତନ ଯୋଜନାଟିର ଶୁଭଫଳ ଅଧ୍ୟାୟୀ, ଅଧ୍ୟାପକ, ଗବେଷକ ଓ ଅନୁଷ୍ଠାନମାନେ ଭୋଗ କରି, ଉପକୃତ ହେବ ।
ଚରୈବେତି ! ଚରୈବେତି !

ବ୍ରହ୍ମପୁର

୧୨-୭-୭୨

ସମୀକ୍ଷା ସଂସଦ

# ସଂଳାପ

ଔପନ୍ୟାସିକ ଗୋପୀନାଥ ସମ୍ପର୍କିତ ସନ୍ଦର୍ଭର ଗୋଟିଏ ଗ୍ରନ୍ଥ । ଦୀର୍ଘ ଦିନର ଭବ ଭାବନା, ଚିନ୍ତା ଅନୁଚିନ୍ତା, ଶ୍ରମ ସାଧନା ଆଦି ଏଥିରେ ନିହିତ । ସମୀକ୍ଷା ସଂସଦର ଅନୁପସ୍ଥିତିରେ ଏହା ଏତେ ଶୀଘ୍ର ଆଲୋକକୁ ଆସିପାରନ୍ତା ନାହିଁ ।

ଉପନ୍ୟାସ ଗଣଶ୍ରେଣୀ—ଏହି ମାପକାଠିରେ ବିଚାର କଲାବେଳେ କିଏ ବଡ଼, କିଏ ସାନ ବାହାର କାଟତିରୁ ସହଜରେ ବାରିହୁଏ । ଗୋପୀବାବୁ ଏ ଦିଗରୁ ଏକ ବ୍ୟତିକ୍ରମ । ପ୍ରାଣରେ ସବୁ ସାହିତ୍ୟ ସମାଜ ଓ ତାହାର ଅଭିବ୍ୟକ୍ତିରେ ଏକ ସମକାଳୀନତା ସୁସ୍ପଷ୍ଟ । ସାହିତ୍ୟର ଐତିହ୍ୟ କଥା ଚିନ୍ତା କଲାବେଳେ ଏହି ଧାର୍ବିକତାର ସ୍ୱରୂପ ସନ୍ଦର୍ଶନ ନକଲେ ସାହିତ୍ୟର ଯଥାର୍ଥ ମୂଲ୍ୟ ହୃଦ୍‌ବୋଧ ହେବ ନାହିଁ ।

ଓଡ଼ିଆ ଉପନ୍ୟାସ ସାହିତ୍ୟରେ ପୁନର୍ନବା (ରେନେସାଁ)ର ଯେଉଁ କ୍ଷୀଣ ସୂତ୍ରପାତ ହୋଇଛି ତାହା ଓଡ଼ିଶୀ ସାଂସ୍କୃତିକ ଜୀବନର ଚିତ୍ର ଦେବାରେ ଏବେ ବି ଅସମର୍ଥ । ନୂତନ ସ୍ପନ୍ଦନ ଓ ସୃଜନଶୀଳତା ଧର୍ମବନ୍ଧା ଗଣ୍ଡି ମଧ୍ୟରେ ନିକ୍ଷେପିତ ହୋଇ ରହିଛି । ସଂସ୍କୃତିର ନବଜନ୍ମକୁ ରେନେସାଁ ଭାବରେ ଗ୍ରହଣ କଲେ ଗୋପୀବାବୁ ସର୍ବପ୍ରଥମେ ଓଡ଼ିଆ ଉପନ୍ୟାସ ସାହିତ୍ୟରେ ଏହି ଦିଗଟିକୁ ଦେଖିଛନ୍ତି । ଏ ଦେଶର ଅବହେଳିତ ସଂସ୍କୃତି ଭିତରେ ଭାରତୀୟ ସଂସ୍କୃତିର ଚେତନା, ଓଡ଼ିଶୀ ଆବହାଓ୍ୱାର ସ୍ୱାଦ ସେ ଚାଖିଛନ୍ତି । କିନ୍ତୁ ସେଇ ଅବହେଳିତ ଜାତିର ଅବସ୍ଥିମାନରେ ସମାଜରେ ଯେଉଁ ଅଭାବବୋଧ ଦେଖା ଦେଇଥାନ୍ତା ଗୋପୀବାବୁଙ୍କ କ୍ଷେତ୍ରରେ ତାହାହିଁ ହୋଇଛି । ସେ ଯଥାର୍ଥରେ ସମାଲୋଚନା ଜଗତରେ ଏକ ଗୋଠଖଣ୍ଡିଆ ଜୀବ । ଏହାହିଁ ମୋତେ ସବୁଠାରୁ ଅଧିକ ଆନ୍ଦୋଳିତ କରିଛି ।

ଏ ଗ୍ରନ୍ଥର ପ୍ରକାଶନ ଦିଗରେ ସମୀକ୍ଷା ସଂସଦର ବନ୍ଧୁବର୍ଗଙ୍କ ସହଯୋଗିତା ସର୍ବାଗ୍ରେ ସ୍ମରଣୀୟ । ସହକର୍ମୀ ଅଧ୍ୟାପକ ବନ୍ଧୁ ବାସୁଦେବ ପାଢ଼ୀ ଓ ପ୍ରଫୁଲ୍ଲକୁମାର ରଥଙ୍କ ପ୍ରେରଣା ଏବଂ ଅଧ୍ୟାପକ ସୁଦର୍ଶନ ଆଚାର୍ଯ୍ୟଙ୍କ ତ୍ୟାଗ ଭୁଲିବାର ନୁହେଁ । ପ୍ରକାଶକ ଶ୍ରୀ ଖଗେଶ୍ୱରଚନ୍ଦ୍ର ପାଣିଙ୍କ ତତ୍ପରତା ଏବଂ ସ୍ୱାଧୀନ ପ୍ରେସ୍‌ର କର୍ମଚାରୀମାନଙ୍କ ସହାନୁଭୂତି ନିମନ୍ତେ ସେମାନେ ଧନ୍ୟବାଦାର୍ହ ।

ଶିଳ୍ପୀବନ୍ଧୁ ସୀତାକାନ୍ତ ମହାପାତ୍ର ପୁସ୍ତକଟିର ପ୍ରଚ୍ଛଦ ଅଙ୍କନ କରି ଦେଇଥିବାରୁ ସାଧୁବାଦ ଜଣାଉଛୁ ।

ଔପନ୍ୟାସିକ ଗୋପୀନାଥ ମୋର ଏକ ପଥୀକୃତ ଉଦ୍ୟମ, ତେଣୁ ବହୁ ପ୍ରମାଦ ରହିବା ସ୍ୱାଭାବିକ । ସୁଲଭ ମୂଲ୍ୟରେ ତରୁଣ ପ୍ରଜ୍ଞାପ୍ରେମୀଙ୍କ ହାତରେ ବିଭିନ୍ନ ସାହିତ୍ୟ-ପୁରୁଷଙ୍କ ସୃଷ୍ଟି ସମୂହର ସମୀକ୍ଷଣ ପହଞ୍ଚାଇ ଦେବା ସମୀକ୍ଷା ସଂସଦର ଲକ୍ଷ୍ୟଥିବା ହେତୁ ଏହାର ଦ୍ୱିତୀୟ ଭାଗରେ ଅନାଲୋଚିତ ବିଷୟଗୁଡ଼ିକ ଉପସ୍ଥାପିତ ହେବ ।

ଶ୍ରୀଗୁଣ୍ଡିସ୍ଥ — ବ୍ରହ୍ମାନନ୍ଦ ସିଂହ

ବାର, ଜୁଲାଇ ୧୯୭୨

ଯେଉଁ କଲ୍ୟାଣୀର ଆବେଗ ଔତ୍ସୁକ୍ୟ
ଏହାକୁ ଉଦ୍‌ଗ୍ରନ୍ଥିତ କରନ୍ତି ସେଇ
ପଦ୍ମାଳୟା ହାତରେ ।

# ଔପନ୍ୟାସିକ ଗୋପୀନାଥ

ବଣଜଙ୍ଗଲ ଘେରା ପାହାଡ଼ିଆ ଅରଣ୍ୟ ଭୂଇଁରେ ବସବାସ କରୁଥିବା ଅର୍ଦ୍ଧଲଙ୍ଗଳା ଦେବଶିଶୁ ସରଳ ସାଉଁତା ବା ଶୁନ୍ ଜାନଠାରୁ ଆରମ୍ଭ କରି ବସ୍ତୁତାନ୍ତ୍ରିକ ସଭ୍ୟ ଜଗତର ତଥାକଥିତ ଅମୃତ ପୁତ୍ର ବଳୀଦତ୍ତ ପର୍ଯ୍ୟନ୍ତ ଦୃଷ୍ଟି ଲମ୍ବାଇଲେ ଗୋପୀନାଥଙ୍କ ସାହିତ୍ୟ ସାଧନା ସହଜରେ ଉପଲବ୍ଧ ହୁଏ। ନିରଳସ ସାଧନା, ଶାଣିତ ଦୃଷ୍ଟି ଓ ନିବିଡ଼ତମ ସାନ୍ନିଧ୍ୟର ଅନୁଭୂତିକୁ ପୁଞ୍ଜୀଭୂତ କରି ସେ ସୃଷ୍ଟି କରିଛନ୍ତି ପରଜା (୧୯୪୫), ଅମୃତର ସନ୍ତାନ (୧୯୪୭), ହରିଜନ (୧୯୪୮), ଦାଦିବୁଢ଼ା (୧୯୪୪), ଅପହଞ୍ଚ (୧୯୬୧), ଶରତ ବାବୁଙ୍କ ଗଳି (୧୯୪୯), ରାହୁର ଛାୟା (୧୯୫୨), ସପନ ମାଟି (୧୯୫୪), ଦୁଇପହଡ (୧୯୫୩), ଶିବ ଭାଇ (୧୯୫୫), ଦାନାପାଣି (୧୯୫୫), ଲୟବିଲୟ (୧୯୬୧), ତନ୍ତ୍ରିକାର (୧୯୬୭), ମାଟିମଟାଳ (୧୯୬୪), ମନଗହ୍ୱରର ଚାଷ ଆଦି ଅନେକ ଉପନ୍ୟାସ। କିନ୍ତୁ ସବୁଠି ସେଇ ପ୍ରଶ୍ନଟି ରହିଛି 'ଗୋପୀନାଥଙ୍କ ଉପନ୍ୟାସ କିଏ ପଢ଼ିବ ?' ଏ ସମ୍ପର୍କରେ ଫୋଷ୍ଟରଙ୍କ ଉକ୍ତି ମନକୁ ଆସେ; କାରଣ ଉପନ୍ୟାସର ମହତ୍ତ୍ୱ ଓ ମୂଲ୍ୟ ସମ୍ପର୍କରେ ଦୀର୍ଘ ଆଲୋଚନା କରିସାରି ଫୋଷ୍ଟର

ସ୍ୱୀକାର କରିଛନ୍ତି — "ଲେଖା ପ୍ରତି ପାଠକମାନଙ୍କ ମମତା ଓ ସେମାନଙ୍କ ଉପରେ ପ୍ରଭାବ ଉପନ୍ୟାସ ବିଚାରର ଶେଷ ମାନଦଣ୍ଡ । ପାଠକ ଯଦି ବ୍ୟକ୍ତ କରେ ଯେ, 'ଯାହା ହେଉନା କାହିଁକି ମୋତେ ଏଇଟି ଭଲ ଲାଗେ' ତେବେ ସେ ଲେଖାର ଯେତେ କଡ଼ା ସମାଲୋଚନା ହେଲେ ମଧ୍ୟ ତା'ର କୌଣସି ମୂଲ୍ୟ ନାହିଁ । ତେଣୁ ପାଠକର ବିଚାର ଚରମ । ଅବଶ୍ୟ ପାଠକ କହିଲେ କେବଳ ଟ୍ରେନରେ ଗଲାବେଳେ 'ଦେହ ଓ ଦାହ' ଅଥବା ପକେଟ ବୁକ୍ ସିରିଜ୍‌ର ପାଠକ ନୁହନ୍ତି; ପାଠକ କହିଲେ ସ୍ରଷ୍ଟାର ସୃଷ୍ଟିକୁ ହୃଦ୍‌ବୋଧ କରିବା ପାଇଁ ଓ ରଚନାର ଯଥାଯଥ ଅନୁଧ୍ୟାନ କରିବାର ଉପଯୁକ୍ତ ବ୍ୟକ୍ତିଙ୍କୁ ହିଁ ଏଠାରେ ଗ୍ରହଣ କରାଯାଇଛି ।

ଏହି ପରିପ୍ରେକ୍ଷୀରେ ଗୋପୀନାଥଙ୍କ ମୂଲ୍ୟାୟନ କରିବା ଅଧିକ ଯୁକ୍ତିଯୁକ୍ତ । କାରଣ ସାହିତ୍ୟ ରସଗ୍ରାହୀ ବିଦଗ୍ଧ ପାଠକ ମଧ୍ୟ ଅନେକ ସମୟରେ ଧୈର୍ଯ୍ୟହରା ହୋଇ ଡଲ୍ ଓ ବୋରିଂ (Dull ଓ Boring) ବୋଲି ମନ୍ତବ୍ୟ ପ୍ରକାଶ କରିବାକୁ କୁଣ୍ଠା ପ୍ରକାଶ କରେନାହିଁ । ଏସବୁ ସତ୍ତ୍ୱେ ସାହିତ୍ୟ ଏକାଡେମୀର ଅନୁମୋଦନକ୍ରମେ ନୁହେଁ ଅଥବା ସମାଲୋଚନାର ଶୁଷ୍କ ଅନ୍ତରାଳରେ ନୁହେଁ ବରଂ ଅଳ୍ପ କେତେକ ପାଠକଙ୍କର ଗଭୀରତମ ଅଚେତନ ମନ ଭିତରେ ଗୋପୀବାବୁ ଔପନ୍ୟାସିକ ହିସାବରେ ଯଥେଷ୍ଟ ଗୌରବ, ସମ୍ମାନ ଓ ସ୍ନେହ ଲାଭ କରିବାର ସଫଳତା ଲାଭ କରିପାରିଛନ୍ତି । ଏହା ହିଁ ତାଙ୍କର କୃତିତ୍ୱ । ଏସବୁ ଦିଗରୁ ଗୋପୀନାଥଙ୍କ ସାହିତ୍ୟ ସାଧନା କଥା ପର୍ଯ୍ୟାଲୋଚନା କଲେ ସହଜରେ ଅନୁମିତ ହୁଏ ଯେ, ଲେଖକ ଗଣସାହିତ୍ୟ ସୃଷ୍ଟି ନକରି ଅମୃତର ସନ୍ଧାନ ଲୋଡ଼ିଛନ୍ତି, ପରିଜାର

ନିରବଧିନଅ ଦାଂନାପାଣି ସମସ୍ୟାରେ ଏବଂ ଯେଉଁମାନଙ୍କୁ ସେ ସମ୍ମାନ କରିଛନ୍ତି, ସେଇମାନଙ୍କ ସମ୍ମାନ ରକ୍ଷା ପାଇଁ ସେ ଉପନ୍ୟାସ ଲେଖିଛନ୍ତି ।

### ଗୋପୀନାଥଙ୍କ ଜୀବନ ବନ୍ତ

୧୯୧୪ ମସିହା—ବିଶ୍ୱପାଇଁ ଏହା ଏକ ଅବିସ୍ମରଣୀୟ ସାଲ । ସମଗ୍ର ବିଶ୍ୱ, ଯୁଦ୍ଧ ପାଇଁ ପ୍ରସ୍ତୁତ ହେଲାବେଳେ ଏପ୍ରିଲ କୋଡ଼ିଏ ତାରିଖରେ କଟକ ସହରଠାରୁ ଛ' ମାଇଲ ଦୂରବର୍ତ୍ତୀ ନାଗବାଲି ଗ୍ରାମରେ ଦୁର୍ଗାବତୀ ଦେବୀଙ୍କ ଗର୍ଭରେ ଗୋପୀନାଥ ସଂଗ୍ରାମ ଆରମ୍ଭ କରି ଭୂମିଷ୍ଠ ହେଲେ । ବିପ୍ଳବର ବାଣୀ ଥିଲା ଗୋପୀନାଥଙ୍କ ଜନ୍ମଗତ ଅଧିକାର । ପ୍ରାକୃତିକ ଝଡ଼ଝଞ୍ଜା ମଧ୍ୟରେ ପୃଥିବୀ ପୃଷ୍ଠରେ ଏକ ନୂତନ ଦିଗନ୍ତର ସୂତ୍ରପାତ ହେଲା ଭଳି ଗୋପୀନାଥ ପରବର୍ତ୍ତୀ ପର୍ଯ୍ୟାୟରେ ଓଡ଼ିଆ ସାହିତ୍ୟ ଜଗତରେ ଏକ ବୈପ୍ଳବିକ ପରିବର୍ତ୍ତନ ସୃଷ୍ଟି କରିବାରେ ସମର୍ଥ ହୋଇଛନ୍ତି । ବାଲ୍ୟାବସ୍ଥାରେ ପିତା ସୂର୍ଯ୍ୟମଣି ମହାନ୍ତିଙ୍କ ନିରଳସ ଭଗବତ୍ ପ୍ରୀତି ଓ ବିଶ୍ୱାସ ଗୋପୀନାଥଙ୍କୁ ଯଥେଷ୍ଟ ପ୍ରଭାବିତ କରିଥିଲା ପରିଣତ ବୟସରେ ଦାଦିବୁଢ଼ା, ଅପହଞ୍ଚ, ଶିବଭାଇ ଓ ମାଟିମଟାଳ ଉପନ୍ୟାସ ରଚନା ଲାଗି । ପରବର୍ତ୍ତୀ ପର୍ଯ୍ୟାୟରେ ଆଧୁନିକ ଯୁଗୀୟ ଚେତନାବୋଧ ବିଜ୍ଞାନ ପ୍ରତି ମମତା ଜାଗରୁକ କରାଇଥିଲେହେଁ କଳାପ୍ରେମୀ ଗୋପୀନାଥ ପାର୍ଥିବନ ଏହା ମଧ୍ୟରେ ବାନ୍ଧି ହୋଇ ରହିନଥିଲେ । ୧୯୩୨ ମସିହାରେ ଆଇ. ଏସ୍ ସି. ପାଶ କଲା ପରେ ଇଂରାଜୀ ସାହିତ୍ୟର ରସସମୁଦ୍ର ମଧ୍ୟରେ ଅବଗାହନ କରିବା ଥିଲା ତାଙ୍କର ଲକ୍ଷ୍ୟ । ଫଳତଃ ଇଂରାଜୀ ଅନର୍ସ ସହ ବି. ଏ. ପାଶ କରି ୧୯୩୬ ମସିହାରେ ଗୋପୀନାଥ ଇଂରାଜୀରେ ସର୍ବପ୍ରଥମ ହୋଇ ଏମ୍. ଏ. ପାଶ କରିଥିଲେ ।

ଅନ୍ତତଃ "ବିଦେଶୀ ସାହିତ୍ୟ, ଦର୍ଶନ ଓ ବିଜ୍ଞାନ ମୋତେ ଶିଖାଇଛି ଅନାଇବାର, ଭାବିବାର, ତଉଲିବାର କେତୋଟି ନୂଆ ବାଟ । ଆପେ ଖୋଜିବାକୁ ମଧ୍ୟ ପ୍ରେରଣା ଦେଇଛି କିନ୍ତୁ ଅନାଇବାର ଭାବିବାରେ ମୋ ଚୈତନ୍ୟରେ କଉଁଳ idea in artର ରୂପ ଗଢ଼ିହେବ ସେ ମୋ ନିଜର, ଅନ୍ୟମାନଙ୍କ ଆଖିରେ ତା ମୂଲ୍ୟ ଅତି ତୁଚ୍ଛ ହେଉ ଅଥବା ଅଧିକ ହେଉ । ମୋର ବିଶ୍ୱାସ, ମୋର ଜୀବନକାଳରେ ମୋର ଜୀବନ ନିଶ୍ୱାସ ଦେଇ ମୁଁ ଯାହା ଗଢ଼ିଛି ଓ ଗଢ଼ୁଛି ସେ ଶିଅଁ ହେଉ କି ମାଙ୍କଡ଼ ହେଉ ସେ ସେତିକି ପରିମାଣରେ ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର ।" [୧] ତେଣୁ ବୈଜ୍ଞାନିକ ବିଶ୍ଳେଷଣ ଓ ଯୁକ୍ତିତର୍କ ମଧ୍ୟରେ ସେ ଓଡ଼ିଆ ଉପନ୍ୟାସରେ ବିଭିନ୍ନ ପରୀକ୍ଷା-ନିରୀକ୍ଷା ଚଳାଇଛନ୍ତି । ବାସ୍ତବବାଦୀ ଉପନ୍ୟାସଠାରୁ ଆରମ୍ଭ କରି ସ୍ୱଭାବବାଦୀ ଓ ଅତିବାସ୍ତବବାଦୀ ଉପନ୍ୟାସ ପର୍ଯ୍ୟନ୍ତ ସବୁ ତାଙ୍କ ତୂଳୀରେ ରୂପାୟିତ ।

୧୯୩୮ ମସିହାରେ ଓଡ଼ିଶା ଆଡ଼ମିନିଷ୍ଟ୍ରେଟିଭ ସର୍ଭିସରେ ଯୋଗ ଦେଇ, ଏକ ନିର୍ଦ୍ଦିଷ୍ଟ ଆଭିମୁଖ୍ୟ ନେଇ ଗୋପୀନାଥ ସାହିତ୍ୟ ଜଗତକୁ ଓହ୍ଲାଇ ଆସିଛନ୍ତି । ୧୯୫୪ ମସିହାରେ କୋରାପୁଟ ଜିଲ୍ଲା ରାୟଗଡ଼ା ସବ୍‌ଡିଭିଜନର R. D. O. ଭାବରେ ଅବସ୍ଥାପିତ ହେବା ପୂର୍ବରୁ ଜୟପୁର, ମାଲକାନଗିରି ପ୍ରଭୃତି ଅଞ୍ଚଳରେ ସେ ଦୀର୍ଘଦିନ ଧରି ତହସିଲଦାର ଭାବେ କାର୍ଯ୍ୟ କରିଥିଲେ । ଅବହେଳିତ ଅରମା ଅପନା ଆଦିବାସୀମାନଙ୍କର ବାସ୍ନା ଏଇ ସମୟରେ ଲେଖକଙ୍କୁ ବିଶେଷ ଅଭିଭୂତ କରିଥିଲା । ପାହାଡ଼ିଆ ଝରଣାର ସ୍ୱଚ୍ଛ ଶୁଭ୍ର ବାରିଧାର

(୧) ଗଳ୍ପ—୧ମ ସଂକଳନ, ମେ-ଜୁଲାଇ, ୧୯୭୦, ପୃ ୮୫

ପର ଅବହେଳିତ ଅଭିଶପ୍ତ ଦେବଶିଶୁମାନଙ୍କ ଜୀବନର ଚଳ ଚଞ୍ଚଳ ଗତି, ସେମାନଙ୍କ ନିଷ୍କପଟ ଆନ୍ତରିକ ବ୍ୟବହାର, ଚାଲିଚଳଣି ଗୋପୀନାଥଙ୍କ ମନରେ ବହୁବାର ଗୁଞ୍ଜରଣ ସୃଷ୍ଟି କରିଛି । କେଣୁ ଯେଉଁମାନଙ୍କର ଅର୍ଥ, ଶ୍ରମ ଓ ଲହୁ ଲହୁର ସମନ୍ୱୟରେ ସାହୁକାର, କଣ୍ଟ୍ରାକ୍ଟର, ମହାଜନମାନଙ୍କର ମେଦ ବୃଦ୍ଧି ହୁଏ; ଯାହାର ହସ ହସ ସରଳ ନିରାଡ଼ମ୍ବର ଜୀବନଯାତ୍ରାରେ ସଭ୍ୟ ସମାଜ କଳଙ୍କ ଆରୋପ କରେ, ସେମାନଙ୍କ ଜୀବନର ଧାରା ସହ ନିଜକୁ ଆପ୍ଲୁତ କରି ଗୋପୀବାବୁ ସେମାନଙ୍କ ସହ ହସିଛନ୍ତି, କାନ୍ଦିଛନ୍ତି ଏବଂ ପାଠକକୁ ମଧ୍ୟ ସମ ପରିମାଣରେ ହସାଇଛନ୍ତି ଓ କନ୍ଦାଇଛନ୍ତି ।

### ସୃଷ୍ଟିମାନସର ପ୍ରସ୍ତୁତି

ଔପନ୍ୟାସିକଙ୍କ କଥାରେ ୧୯୩୦ ସାଲ ସମୟ ଓଡ଼ିଶା ସାରା ତିନୋଟି ଚେତନା ଖେଳୁଥିଲା—ପ୍ରଥମେ, ଭାରତର ସ୍ୱାଧୀନତା ପ୍ରାପ୍ତି ପାଇଁ ଆବେଗ ଓ ଆନ୍ଦୋଳନ, ଦ୍ୱିତୀୟରେ ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳମାନଙ୍କୁ ମିଶାଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଆକାଙ୍କ୍ଷା ଓ ତୃତୀୟରେ ତା ସଙ୍ଗେ ସଙ୍ଗେ ଓଡ଼ିଶା କମଣ ଉଠିବ, ଗୌରବ ପାଇବ ସେଥିପାଇଁ ଆକୁଳ କାମନା । ରେଭେନସା କଲେଜର ଛାତ୍ର ସମାଜରେ ସେହି ତିନୋଟି ଚେତନାର ଝଲକ ଫୁଟିଥିଲା ।'

ଲେଖକ କଲେଜ ଜୀବନରୁ ହିଁ ଓଡ଼ିଆରେ ଲେଖାଲେଖି କରିବା ଉପରେ ଗୁରୁତ୍ୱ ଦେଇଥିଲେ । ସେତେବେଳେ ଏ

(୨) Souvenir—Ravenshaw College Centenary, Page 10

ଦେଶରେ ଶ୍ରେଣୀ ସଚେତନତା ନୂଆ ନୂଆ ହୋଇ ଆସୁଥାଏ, ଆସୁଥାଏ ନୂଆ ଧାରଣା, ମାର୍କସ୍ ବାଦ । ତାକୁ ବଦଳାଇ ଜୀବନର ସ୍ୱାଭସ୍ରତାକୁ, କଠୋରତାକୁ, ବାସ୍ତବତାକୁ ଓ ତା' ଉତ୍ତାପର ସତ୍ୟତାକୁ ଲେଖକ ଗ୍ରହଣ କରି ନେଇଛନ୍ତି । ଭଗବତୀଚରଣ ପାଣିଗ୍ରାହୀଙ୍କ ସମ୍ପାଦନାରେ ପ୍ରକାଶ ପାଉଥିବା 'ଆଧୁନିକ' ପତ୍ରିକାରେ ୧୯୩୬ ମସିହାରେ ଗୋପୀନାଥଙ୍କ ପ୍ରଥମ ଗଳ୍ପ 'ଓଁ' ପ୍ରକାଶ ପାଇଥିଲା । କିନ୍ତୁ ଏହାର ବହୁ ପୂର୍ବରୁ କଲେଜ ଜୀବନରେ ଲେଖକ ଭାବରେ ସେ ସଫଳତା ଲାଭ କରିପାରିଥିଲେ । "ଦୁଇ ହଷ୍ଟେଲରେ ଊର୍ମି ଓ ଜାଗରଣ ବୋଲି ଯୋଡ଼ିଏ ହାତଲେଖା ମାସିକ ପତ୍ର ବାହାରୁଥାଏ, ମୁଁ ବି କେବେ କେବେ ସେଥିରେ ଓ କଲେଜ ମ୍ୟାଗାଜିନ୍ ରେଭେନ୍ସା-ଭିଆନରେ ଲେଖୁଥିଲି ।... ... ...୧୯୩୧ରେ ଇଷ୍ଟ ହଷ୍ଟେଲରେ ଆମେ କେତେ ଜଣ ମିଶି ଗୋଟିଏ ଲେଖକ-ପାଠକ ଗୋଷ୍ଠୀ କରିଥିଲୁଁ, ସପ୍ତାହକେ ଥରେ ନିଜ ନିଜ ଲେଖା ଏକାଠି ବସି ପଢ଼ି ଅନ୍ୟମାନଙ୍କୁ ଶୁଣାଉଁ, ସମାଲୋଚନା ଶୁଣୁଁ, ଆଲୋଚନା ଲାଗେ । ୧୯୩୨ରେ ବାହାରେ ଥିଲାବେଳେ ଗୋଟିଏ ହାତଲେଖା ମାଗାଜିନ୍‌ରେ ଲେଖୁଥିଲି ।" ୩

ସ୍ରଷ୍ଟାମାନସର ଆତ୍ମ ସ୍ଫୁରଣ ଯେଉଁ ପରିସ୍ଥିତି ଓ ପରିବେଶ ମଧ୍ୟରେ ପରିବର୍ତ୍ତିତ ହୋଇଥିଲା ଏଥିରୁ ତାହାର ଏକ ସ୍ପଷ୍ଟ ଚିତ୍ର ମିଳେ । ଏତଦ୍‌ବ୍ୟତୀତ ଇଂରାଜୀ ସାହିତ୍ୟରେ ବିଂଶ ଶତାବ୍ଦୀର ଦ୍ୱିତୀୟ ତୃତୀୟ ଦଶକ ବେଳକୁ ଟୋର୍ଡ଼ସନ, ଭର୍ଜିନିଆ ଉଲଫ୍, ଲଭସ୍ ପ୍ରମୁଖ ସମାଲୋଚନା ସାହିତ୍ୟରେ ଏକ ନୂତନ ଶୈଳୀ

---

(୩) ତଦୈବ—ପୃ ୧୬

ପ୍ରବର୍ତ୍ତନ କରିଥିଲେ । ୧୯୩୪ରୁ ଧାରାବାହିକ ଭାବେ ମାସିକ ସହକାର, ନବଭାରତ ତଥା ଅନ୍ୟାନ୍ୟ ପତ୍ରିକାରେ ଓଡ଼ିଆରେ ଏହିଭଳି ଶୈଳୀର ସାହିତ୍ୟ ସୃଷ୍ଟିକରି ଏକ ନୂତନ ଚେତନା ଆଣିଦେବା ଥିଲା ଲେଖକଙ୍କର ଲକ୍ଷ୍ୟ । ତାଙ୍କର 'କାସ୍ତାକବ', ପତରଚକ, ଭା ଧିନ ଧିନ ଦା ଓ କାବୁଣୀ ଆଦି ଏ ପ୍ରସଙ୍ଗରେ ବିଶେଷ ଉଲ୍ଲେଖଯୋଗ୍ୟ । ସାହିତ୍ୟରେ ଅନ୍ଧ ଅନୁକରଣ, ଶ୍ଳେଷ ଆଦି ବିରୁଦ୍ଧରେ ବହୁ ଲେଖା ପ୍ରକାଶ କରି ସର୍ଜନକ୍ଷମତାର ପରିଚୟ ମଧ୍ୟ ପ୍ରଦାନ କରିଛନ୍ତି ଗୋପୀନାଥ ।

### ଉପନ୍ୟାସ-ସାହିତ୍ୟ ପରଂପରାରେ ଗୋପୀନାଥ

ଓଡ଼ିଆ ଉପନ୍ୟାସ ଜଗତରେ ଗୋପୀନାଥଙ୍କ ଆବିର୍ଭାବ ସମ୍ପୂର୍ଣ୍ଣ ଆକସ୍ମିକ ଓ ଅପ୍ରତ୍ୟାଶିତ ନୁହେଁ । ଏହା ପଛରେ ଏକ ଦୀର୍ଘ ପରଂପରା ଓ ଐତିହ୍ୟ ବିଦ୍ୟମାନ । ଉପନ୍ୟାସର ଜନକ ଫକୀରମୋହନଙ୍କ ବାସ୍ତବ ଜୀବନ୍ତ ଚିତ୍ର, ଗୋପାଳ ବଲ୍ଲଭଙ୍କ କନ୍ଧ-ସମାଜର ଜୀବନ ଚିତ୍ର (Photograph) ଓ ସମାଜର ସମସ୍ୟାବହୁଳ ଜୀବନସମ୍ପର୍କିତ ବିଭିନ୍ନ ଘଟଣାର ଆଲେଖ୍ୟ, ଅଗ୍ରଜ ସର୍ଜନକ୍ଷମ କାହ୍ନୁଚରଣଙ୍କ ଚିନ୍ତାଧାରା ତଥା କାଳନ୍ଦୀଚରଣ, ନନ୍ଦକିଶୋର, ଉପେନ୍ଦ୍ରକିଶୋର ପ୍ରଭୃତିଙ୍କ ପଲ୍ଲୀ ଜୀବନର ଚିତ୍ର ଲେଖକଙ୍କୁ ବିଶେଷ ଭାବରେ ପ୍ରଭାବିତ କରିଛି । ଏତଦ୍‌ବ୍ୟତୀତ ଦ୍ୱିତୀୟ ବିଶ୍ୱଯୁଦ୍ଧର ପରିଣତି ଓ ପ୍ରତିକ୍ରିୟା ଏକଦିଗରେ; ଅପର ପକ୍ଷରେ ସ୍ୱାଧୀନତା ଆନ୍ଦୋଳନର ପୂର୍ବ ମୁହୂର୍ତ୍ତ—ଏଇ ସନ୍ଧିକ୍ଷଣରେ ଗୋପୀନାଥଙ୍କ ସାହିତ୍ୟ ସାଧନା ଆରମ୍ଭ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସ୍ଫୂର୍ତ୍ତି, ଗାନ୍ଧୀଙ୍କର ଆଦର୍ଶ ଓ ଚିନ୍ତାଧାରା ଲେଖକଙ୍କୁ ଏ ଦିଗରେ ବିଶେଷ ସହାୟତା କରିଛି । ଓଡ଼ିଶାରେ ଦେଖାଦେଇଥିବା ନବଯୁଗର ପ୍ରତିଫଳନ ସୂଚକ ଗୋପୀନାଥଙ୍କ

ସାହିତ୍ୟ ସୃଷ୍ଟିକୁ ଆହୁରି ଉଦ୍ଦୀପିତ କରି ଚଢ଼ି ଚାଲିଥିଲା । ସାଧାରଣ ମାଇଁ ଉଚ୍ଛ୍ୱାସ ଓ ଆବେଗ ଏଇ ସମୟର ଥିଲା ଐକାନ୍ତିକ କାମନା । ପରଜା ଉପନ୍ୟାସରେ ଗୋପୀନାଥ ଏହାର ଏକ ଜୀବନ୍ତ ଚିତ୍ର ଦେଇଛନ୍ତି—"ସାହୁକାର ! ସେ ବଡ଼ଲୋକ ! ତା'ର ଘରଦ୍ୱାର ତା'ର ବାକ୍ସ । ଆଉ ରଇତ ପିଲା, ସେ ଗରିବ ! ଏମିତି କେବେ ଦିନ ଆସିବ ନାହିଁ ଯେତେବେଳେ ସାହୁକାର ତା'ର ଉଞ୍ଚପିଣ୍ଡା ଉପରୁ ଓହ୍ଲାଇ ପଡ଼ି ରଇତ ପିଲା ପାଖେ ଚୋଟାଏ ହୋଇଯିବ, ହେଲେ ସେ ଆଉ ସାହୁକାର ରହିବ କେମିତି, ତା'ର ବାକ୍ସ ଅମାର ଭିତରେ ତ ମାଟି ପଶିଯିବ ।"[୪]

୧୯୧୭ ରୁଷ ବିପ୍ଳବ ସମଗ୍ର ବିଶ୍ୱରେ ଜନସାଧାରଣ ପାଇଁ ଏକ ନୂତନ ଚେତନା ଆଣିଦେଇଥିଲା ଓ ଏହାର ପ୍ରତିକ୍ରିୟା ଓଡ଼ିଶାରେ ପ୍ରାୟ ୧୯୩୬ ବେଳକୁ ଦେଖାଦେଇଥିଲା । ଏଇ ସାମ୍ୟବାଦର ଚେତନା ପରବର୍ତ୍ତୀ ପର୍ଯ୍ୟାୟରେ ଗୋପୀନାଥଙ୍କୁ ଅମୃତର ସନ୍ତାନ, ପରଜା, ଦାଦିବୁଢ଼ା, ହରିଜନ, ଶିବଭାଇ, ଅପହଞ୍ଚ ଆଦି ଉପନ୍ୟାସ ସୃଷ୍ଟି କରିବାରେ ଯଥେଷ୍ଟ ପ୍ରେରଣା ଦେଇଥିଲା । ପୁନଶ୍ଚ ଗୋପୀବାବୁଙ୍କ ସାହିତ୍ୟ ସାଧନା ସମୟରେ ତତ୍କାଳୀନ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ପରିସ୍ଥିତି ସମ୍ପୂର୍ଣ୍ଣ ପରିବର୍ତ୍ତିତ ହୋଇସାରିଛି । କେବଳ ଓଡ଼ିଶା ବା ଭାରତ ମଧ୍ୟରେ ଏ ପରିବର୍ତ୍ତନ ସୀମିତ ନ ହୋଇ ସମଗ୍ର ବିଶ୍ୱରେ ଏ ପରିବର୍ତ୍ତନ ପରିଲକ୍ଷିତ ହୋଇଛି । ଟଲଷ୍ଟୟ, ଦସ୍ତଏଭସ୍କି, ତୁର୍ଗେନିଭ, ଫ୍ଲବେୟାର, ବାଲଜାକ୍, ଜୋଲା ପ୍ରଭୃତି ଉପନ୍ୟାସ ଜଗତରେ ଯେଉଁ ଗମ୍ଭୀର ବ୍ୟାପକ ଜୀବନର ଅନ୍ୱେଷଣ ପଥରେ ଅଗ୍ରସର ହେଲେ ସେଥିରେ ନିଛକ ବିଶୁଦ୍ଧ ଗଳ୍ପରସର ଉପଭୋଗ ପାଇଁ ଅବସର

(୪) ପରଜା – ପ୍ରଥମ ସଂସ୍କରଣ, ପୃ ୭୧୯

ନରନ୍ତୁ ମାର୍କସ୍, ଫ୍ରଏଡ୍, ଜିନ୍ସ ପ୍ରଭୃତିଙ୍କର ବିଭିନ୍ନ ତତ୍ତ୍ୱର ପ୍ରତିଫଳନ ଘଟିଲା ଏବଂ ଦୁଇ ଦୁଇଟା ବିଶ୍ୱଯୁଦ୍ଧ ଫଳରେ ମାନବର ଆତ୍ମା ଖଣ୍ଡିତ ଓ ଶୋକଗ୍ରସ୍ତ ହୋଇପଡ଼ିବା ଦ୍ୱାରା ଜୀବନ ଜିଜ୍ଞାସାର ସମତା ଦେଖାଦେବା ତ ଦୂରର କଥା ବରଂ ପ୍ରତ୍ୟେକ ପ୍ରତ୍ୟେକଙ୍କୁ ଅବିଶ୍ୱାସ ଚକ୍ଷୁରେ ଦେଖିବାରେ ଲାଗିଲେ । ଫଳତଃ ଆଧୁନିକ ସମାଜ ଅନ୍ୟାୟ ଅନ୍ଧକାରରେ ବୁଡିରହି ଜୀବନର ଆଦର୍ଶ ଭୁଲି ଯାଇଛି (ପରଜା) । ବଞ୍ଚିରହିବା ପାଇଁ ଅର୍ଥ ଉପାର୍ଜନର ତୀବ୍ର ପ୍ରତିଯୋଗିତା ଦେଖାଦେଇଛି (ଦାନାପାଣି) । ଜୀବନ ପ୍ରତି ଆଧୁନିକ ଲେଖକର ଦୃଷ୍ଟିଭଙ୍ଗୀ ସଂପୂର୍ଣ୍ଣ ରୂପେ ବଦଳି ଯାଇଛି (ଲୟବିଳୟ) । ସଭ୍ୟତା ଓ ସଂସ୍କୃତିର ଅଗ୍ରଗତି ସଙ୍ଗେ ସଙ୍ଗେ ମଣିଷର ଦୃଷ୍ଟିଶକ୍ତି ଦିଗନ୍ତ ବିସ୍ତାର ହୋଇଛି । ଗୋଟିଏ କଥାକୁ ଭିନ୍ନ ଭିନ୍ନ ଦୃଷ୍ଟିରେ ଦେଖିବା ଗୋପୀନାଥଙ୍କ ସଦୃଶ ଆଧୁନିକ ଚେତନଶୀଳ ବ୍ୟକ୍ତିର ଏକ ସ୍ୱାଭାବିକ କାର୍ଯ୍ୟ ହୋଇପଡ଼ିଛି (ମାଟିମଟାଳ) । ଏ ଦିଗରୁ ଆଧୁନିକ ଉପନ୍ୟାସର ବିଷୟବସ୍ତୁ ପ୍ରାଚୀନ ଉପନ୍ୟାସ ଅପେକ୍ଷା ଅଧିକ ଜୀବନ୍ତ ଓ ସରସ ବୋଧ ହେଉଛି ।

ବିଜ୍ଞାନର ପ୍ରସାର ଓ ଅଗ୍ରଗତି ସଙ୍ଗେ ସଙ୍ଗେ ମାନବ ମନରେ ଯେଉଁ ଦ୍ୱନ୍ଦ୍ୱ ସଂଘାତ ଦେଖାଦେଲା, ନାନା ସମସ୍ୟା ଉପସ୍ଥାପିତ କରିଛି ସେ ସବୁ ସ୍ଥାନ ପାଇଛି ଗୋପୀନାଥଙ୍କ ଉପନ୍ୟାସରେ । ତେଣୁ ଅନୁନ୍ନତ ଅବହେଳିତ ସଂପ୍ରଦାୟର ଉନ୍ନତି କରିବାକୁ ସମ୍ପୃକ୍ତିବାଦୀ ଚେଷ୍ଟା କରି, ସେମାନଙ୍କ ପରଂପରାଣି, ସଂସ୍କୃତି, ଚାଲିଚଳଣି ସହିତ ନିଜକୁ ସାମିଲ୍ କରି ପ୍ରକୃତି କୋଳରେ ଘୂରି ବୁଲିଛନ୍ତି ଗୋପୀନାଥ । ପ୍ରଚଳିତ ସମାଜ ମଧ୍ୟରେ ଲାଗି ରହିଥିବା ଧର୍ମ ଅଧର୍ମିକ ଜାତିଆଣ ଭେଦଭାବ ଯାହା ମଣିଷକୁ

ହିଂସ୍ରରୁ ହିଂସ୍ରତର କରିଛି ତା'ର ନଗ୍ନ ରୂପ ଗୋପୀବାବୁ ଉନ୍ମୋଚିତ କରିବାକୁ କୁଣ୍ଠା ପ୍ରକାଶ କରିନାହାନ୍ତି ତାଙ୍କର ହରିଜନ, ଦାନାପାଣି ଓ ସପନ ମାଟି ପ୍ରଭୃତି ଉପନ୍ୟାସରେ ।

ପ୍ରକାଶକାଳ ଦୃଷ୍ଟିରୁ ୧୯୫୫ ମସିହା ପରେ ରଚିତ ତାଙ୍କର ଉପନ୍ୟାସଗୁଡ଼ିକ ବିଭିନ୍ନ ଆଧୁନିକ ବାଦଦ୍ୱାରା ପ୍ରଭାବିତ । ବିଶେଷତଃ ଫ୍ରଏଡ଼ଙ୍କ ମନସ୍ତାତ୍ତ୍ୱିକ ଚେତନା ଓ ଔପନ୍ୟାସିକ ଜେମସ୍ ଜୟସଙ୍କ ଚେତନା ପ୍ରବାହ ରୀତି ଏବଂ ଏମିଲି ଜୋଲା, ଡ଼ି. ଏଚ. ଲରେନ୍ସ ପ୍ରଭୃତିଙ୍କ ବୈପ୍ଳବିକ ଭାବଧାରାରୁ ଲେଖକ ନିଜକୁ ସଂପୂର୍ଣ୍ଣ ମୁକ୍ତ କରିପାରି ନାହାନ୍ତି । ରାହୁର ଛାୟା, ମନଗହିରର ଚାଷ, ଲୟବିଲୟ ଓ ମାଟିମଟାଳ ପ୍ରଭୃତି ଏ ପ୍ରସଙ୍ଗରେ ବିଶେଷ ଉଲ୍ଲେଖଯୋଗ୍ୟ ।

ଗୋପୀନାଥଙ୍କ ଉପନ୍ୟାସ ସମୂହକୁ ପ୍ରକାଶକାଳ ଦୃଷ୍ଟିରୁ ଚିନ୍ତାଧାରାର ଏକ କ୍ରମିକ ଅଭିବୃଦ୍ଧି ବୋଲି କୁହାଯାଇପାରେ । ଅବଶ୍ୟ ଏ ସଂପର୍କରେ ଲେଖକ ନିଜର ସ୍ପଷ୍ଟୋକ୍ତି ପ୍ରକାଶ କରିଛନ୍ତି ବୋଲି ଅଧ୍ୟାପକ ବଂଧୁ ରାଜକିଶୋର ମିଶ୍ର ବ୍ୟକ୍ତ କରିଛନ୍ତି ।* ଲେଖକଙ୍କ ମତରେ "My novels compete with each other." ବାସ୍ତବିକ ଗୋପୀବାବୁଙ୍କ ଉପନ୍ୟାସ ସବୁ ନିଜ ନିଜ ମଧ୍ୟରେ ପ୍ରତିଯୋଗିତା ସୃଷ୍ଟି କରିଛନ୍ତି । ପରଜା, ଅମୃତର ସନ୍ତାନ, ଦାଦିବୁଢ଼ା, ଶିବଭାଇ, ଅପହଞ୍ଚ ପ୍ରଭୃତି ଉପନ୍ୟାସ ସମୂହର ଯେଉଁ ଦୌଡ଼ ଆରମ୍ଭ ହୋଇଛି ତାହା ମଧ୍ୟରେ କିଏ ଭଲ କିଏ ଭେଲ ନିରୂପଣ କରିବା ଅତ୍ୟନ୍ତ ଆୟାସସାଧ୍ୟ । ୧୯୭୮ ମସିହାରେ

(୫) ଓଡ଼ିଆ ଉପନ୍ୟାସ ସାହିତ୍ୟର ପରିଚୟ — ସଂ. ଭୋଳାନାଥ ରାଉତ ଓ ପଠାଣି ପଟ୍ଟନାୟକ, ପୃ ୦୪୪

ଲେଖକ ଦାଦିବୁଢ଼ା ରଚନା କରି ଅବହେଳିତ ଜାତିର ଧୂରନ୍ଧିକ ଜୀବନ ସତ୍ତା ସମ୍ପର୍କରେ ଯେଉଁ ସୂଚନା ଦେଇଥିଲେ ତାହାର ପରିଣତି ହୋଇଛି ୧୯୬୧ ମସିହାରେ ପ୍ରକାଶିତ ଅପହଞ୍ଚ ଉପନ୍ୟାସରେ । ଏହି ସର୍ବ ସମସ୍ତ ଧରି ନିଷ୍ପେଷିତ ଜାତିର, ଜୀବନ ଜିଜ୍ଞାସା ଲେଖକଙ୍କୁ ଯେପରି ଭାବରେ ଉଦ୍‌ବେଳିତ କରିଛି ସେ ସବୁର ମୂର୍ତ୍ତ ପ୍ରତୀକ ଯଥାକ୍ରମେ ପରଜା, ହରିଜନ, ଅମୃତର ସନ୍ତାନ ଓ ଶିବଭାଇରେ ଦେଖିବା ସ୍ୱାଭାବିକ । ପୁନଶ୍ଚ ଜୀବନ ମୂଲ୍ୟ ସମ୍ପର୍କରେ ଯେଉଁ ସୂଚନା ଏହି ପର୍ଯ୍ୟାୟରେ ଦିଆଯାଇଛି ତାହା ପରବର୍ତ୍ତୀ ପର୍ଯ୍ୟାୟରେ ଅତ୍ୟନ୍ତ ତୀବ୍ର ଭାବରେ ପ୍ରକାଶ ପାଇଛି ରାହୁରଛାୟା, ଦାନାପାଣି, ଲୟବିଲୟ ଓ ମାଟିମଟାଳ ପ୍ରଭୃତି ଉପନ୍ୟାସରେ ।

ଉପନ୍ୟାସକାର ଗୋପୀନାଥ ଜଣେ ସଚେତନ ସ୍ରଷ୍ଟା ହିସାବରେ ମଣିଷର ଭଲ ଦ୍ୱେଲ ପ୍ରବୃତ୍ତିକୁ ନେଇ ଗୋଟିଏ ମୋହରମୟ ଦୃଷ୍ଟିକୋଣରୁ ପର୍ଯ୍ୟାଲୋଚନା କରି ନାହାନ୍ତି । ଫରାସୀ ଦାର୍ଶନିକ ଜାଁପଲ ସାର୍ତ୍ରେ ଅନ୍ତତଃ ଗୋଟିଏ କଥା ପ୍ରକାଶ କରି କହିଛନ୍ତି, "ମଣିଷ ଅନ୍ୟ କାହା କଥା ଚିନ୍ତା ନକରି କେବଳ ନିଜ କଥାହିଁ ଭାବେ । ସଂସାରରେ ନିଜର ଅପରିସୀମ ଦାୟିତ୍ୱ ମଧ୍ୟରେ ଅନ୍ୟମାନଙ୍କର ବିନା ସାହାଯ୍ୟରେ ଓ ଅନ୍ୟ କୌଣସି ଲକ୍ଷ୍ୟ ନରଖି ଏ ପୃଥିବୀ ପୃଷ୍ଠରେ ସେ କେବଳ ନିଜସ୍ୱ ସତ୍ତା ବଜାୟ ରଖିବାକୁ ଚାହେଁ ।"(୬) ଏହି ଦର୍ଶନମୂଳକ ଚିନ୍ତାଧାରା ଗୋପୀନାଥଙ୍କୁ ବିଶେଷ ଭାବେ ଆକୃଷ୍ଟ କରିଛି । ତେଣୁ ମଣିଷ ଭାବେ ମଣିଷ

---

(୬) Man can count on no one but himself, he is alone, abandoned on earth in midst of his responsibilities, without help with no other aim than the one he sets himself on this earth.

ହୋଇ ବଞ୍ଚି ରହିବାକୁ ସାଧାରଣ ଜୀବନର ଯେଉଁ ସଂଗ୍ରାମ ତାକୁଇ ଉପସ୍ଥାପିତ କରିବା ଥିଲା ତାଙ୍କର ଲକ୍ଷ୍ୟ ।

ସାତ୍ରେଙ୍କ ଭାଷାରେ "ଆମେ ଧର୍ମ ହରାଇ ମାନବିକତାକୁ ଲାଭ କରିଛୁ । ବର୍ତ୍ତମାନ ଯୁଗର ସର୍ବପ୍ରଥମ ଓ ପ୍ରଧାନ ଧାରଣା ହେଉଛି ମଣିଷକୁ ସାହାଯ୍ୟ କରିବା ଯାହା ଫଳରେ ମଣିଷ ପାଇଁ ମଣିଷର ସୃଷ୍ଟି ହେବ ।" ୭ ଏହି ପରିସ୍ଥିତି ମାଧ୍ୟମରେ ଗୋପୀବାବୁ ଏକ ନୂତନ ଅନୁଭୂତି ଲାଭ କରିଛନ୍ତି । "ଲଂଜିଆ ସହରା ମେଳା ଭିତରେ ଅଣ୍ଟାରୁ ଉପରକୁ ଲଙ୍ଗଳା, ସୁପୁଷ୍ଟ ଅବୟବ, ସୁଠାମ ସୁନ୍ଦର ଗଢ଼ଣ, ଆଉଟା ସୁନା ବର୍ଣ୍ଣର ଯୁବତୀମାନେ ବାପା ବାପା ଡାକି ମୋ ହାତରୁ ଉପହାର ନେବାପାଇଁ ତାଙ୍କ ନଗ୍ନ ଶରୀର ହାରି ମୋଠିର କେତେ ଥର ଚପି ପକାଇଛନ୍ତି । ମୋ ପ୍ରାଣରେ ପୂରିଛି ଅପୂର୍ବ ସ୍ନେହ, ମାନବ ପ୍ରୀତିର ପୁଲକରେ ମୋ ମନ ଉଛୁଳିଛି ।" ୮ ସେ ସ୍ପଷ୍ଟ ଭାବେ ଉପଲବ୍ଧି କରିଛନ୍ତି ଯେ ଆମ ସମାଜରେ କେବଳ ରାମଚନ୍ଦ୍ର ମଙ୍ଗରାଜ, ସାଆନ୍ତାଣୀ, ବରଜୁ, ଛକଡ଼ି, ନେହମଣି ବା ହାରବୋଉ ପରି ଲୋକ ନାହାନ୍ତି; ସରବୁ ସାଉଁତା, ଶୁକ୍ରୁଜାନି, ମାଣ୍ଡିଆଜାନି ପରି ବହୁ ଆଦିବାସୀ ମଧ୍ୟ ଏ ପ୍ରବାହକୁ ପୁଷ୍ଟ କରି ରଖିଛନ୍ତି । ନଦୀର ପ୍ରବହମାନ ସ୍ରୋତ ପରି ଆମର ଏ ସମାଜ ଗଠିତ । ବହୁଧାରା ଏକତ୍ରିତ ହୋଇ ଏକ ବୃହତ୍ ନଦୀରେ ପରିଣତ ହୋଇଛି । ତେଣୁ ଏହାର କେବଳ ଗୋଟିଏ ଧାରକୁ ଦେଖି

---

(୭) We have lost religion, but we have gained humanism. The idea now is to liberate and to help emancipate mankind, with the result that man becomes really and absolutely for man.

(୮) ଚଲୁ—୧ମ ସଙ୍କଳନ, ମେ-ଜୁଲାଇ, ୧୯୬୦, ପୃ ୮୭

ଅନ୍ୟଦିଗଟି ପ୍ରତି ସମ୍ପୂର୍ଣ୍ଣ ଅନବହିତ ରହିବା ପ୍ରକୃତ ସ୍ରଷ୍ଟାର କାର୍ଯ୍ୟ ନୁହେଁ । ନଗ୍ନ ପ୍ରବାହକୁ ବଞ୍ଚାଇ ରଖିବା ନିମିତ୍ତ ଯେପରି ତରକାଷ୍ଠ ଓ ଅତରକାଷ୍ଠ ସମସ୍ତ ଜଳର ଆବଶ୍ୟକତା ରହିଛି ଠିକ୍ ସେହିପରି ଏହି ଗୋଷ୍ଠି ସମାଜର ପ୍ରବାହ ମଧ୍ୟ ଏକାନ୍ତ ଅବଶ୍ୟକ । ଏମାନଙ୍କର ଅନ୍ତର୍ଦୃଷ୍ଟିରେ ଗ୍ରଟଦ୍, ଭଂଶାଭ, ରଭନ ଭନସ୍ ହେକ୍ଟର ପ୍ରଭୃତି ସାହିତ୍ୟକାର ଗୋଷ୍ଠୀ ମୁଣ୍ଡ ଟେକିପାରି ନଥାନ୍ତେ । ଗୋପୀବାବୁ ସର୍ବପ୍ରଥମେ ଏମାନଙ୍କୁ ଲୋକଲୋଚନକୁ ଟାଣି ଆଣିଛନ୍ତି ।

ସାଧାରଣ ଭାବରେ କୌଣସି ଏକ ଧରାବନ୍ଧା ନିୟମ ମଧ୍ୟରେ, ଗୃହସ୍ଥିକ ଶୃଙ୍ଖଳତାକୁ ଔପନ୍ୟାସିକ ଜାବୁଡ଼ି ଧରିନାହାନ୍ତି କିନ୍ତୁ ସଂସ୍କୃତି ସଚେତନତା ଗୋପୀବାବୁଙ୍କ ପ୍ରତ୍ୟେକ ଉପନ୍ୟାସରେ ସ୍ପଷ୍ଟ ଭାବରେ ଉପଲବ୍ଧ କରିହୁଏ । "ପର୍ବତ ଆଉ ପଥର ଏତିକି ସୂଚନା ଯେ ଦେଶ ଗୋଟାକର, ଏତିକି ସତେ କି ତା'ର ବର୍ଣ୍ଣନା, ଆଉ ସେ ଦେଶର ମଣିଷର ଧରଣ ଯେପରିକି ପର୍ବତ ଗୁରୁ ଶିଖାଇ ଦେଇଛି ଆପଣାର ଆଦର୍ଶ ଆଘାତକୁ ଭ୍ରୂକ୍ଷେପ ନକରି ଇତିହାସର ଏକୋଇଶ ଦିନଠାରୁ ଏପର୍ଯ୍ୟନ୍ତ ଥିର ରହିବାକୁ । ଅପରିବର୍ତ୍ତନୀୟ ଆଦର୍ଶ । ଏହି ଆଦର୍ଶରେ ବଣର ଜୀବନ ବଣେ ବଣେ ଚାଲିଆସିଛି । ନିର୍ବିକାର, ଉଲଗ୍ନ ସଭ୍ୟତାର ମୁଖା ପିନ୍ଧି ପରିଚ୍ଛଦର ଝଲସ ତଳେ ତଳେ ଗୁଳର ସାଦୁ ଆଉ ମନର କପଟ ଲୁଚେଇ ଛପେଇ ବଞ୍ଚି ଶିଖିନାହିଁ, ତେଣୁ ସେ ଅସଭ୍ୟ । ସେଠି ଛଅ ଋତୁ ଅଛି, ସେଠି ରଙ୍ଗ ମଇଳା ଅଛି, ସେଠି ସାହା ସବୁଠି ତାହା, କିନ୍ତୁ ମଣିଷ ମନର ନିଦାନ ମୁହଁଖୁଣ୍ଟର ସ୍ୱରୂପ ଖେଳୁଛି ବଣର ତରଙ୍ଗରେ, ସଫା ଟୋଳ । ତେଣୁ ସେଠି ଯା' ପବନ ବାଜି ଶୁଙ୍ଘି, ଦେହ ଝରା

କାତର ଖାଇ ଟାଣ ହୁଏ, ମନର ବେଦନା ପ୍ରକାଶ ପାଇ ଅବକାଶ ହୁଏ । ଦୁଃଖ ସେଠି ଗାଁ ପୋଖରୀର ପଙ୍କ ପାଲଟେ ନାହିଁ, ପ୍ରକୃତିର ବିଶାଳ ଆନନ୍ଦ ମଣିଷର ହତାଶ ଦୁର୍ଦ୍ଦଶା ଉପରେ ଚରଣ ପିଣ୍ଡି ସବୁ ଭଲ କରେ, ମଣା ତାଆଁଶ ଉପ୍ରାଚ ଅଦୈତିର ଝଞ୍ଜା ତା'ରେ ଓ ମଣିଷ ମନରେ ଜଅଁକ ସଟିଣୀ ବାଜୁଥାଏ, ଥମ୍ଭେ ନାହିଁ ।" ୧

ଏଠାରେ ଲକ୍ଷ୍ୟ କରିବା କଥା ପାଶ୍ଚାତ୍ୟ ଶିକ୍ଷାର ପ୍ରଭାବ ଓ ପାଶ୍ଚାତ୍ୟ ସଂସ୍କୃତି ପ୍ରତି ଆନୁଗତ୍ୟ ଏ ଜନ-ଜୀବନର ଧାରାରେ ସୁସ୍ପଷ୍ଟ ହୋଇଥିଲେହେଁ ପ୍ରକୃତିପ୍ରେମୀ ଗୋପୀବାବୁ ସହରୀ 'ଜାଲି ଜୀବନ'ଠାରୁ ଦୂରେଇ ଯାଇ ବଣଜଙ୍ଗଲ ଦେଶ ଅରମା ଭୂଇଁରେ ଜୀବନର ସଂହତି ରକ୍ଷା କରିଛନ୍ତି । ମଣିଷ ମାଟକୁଳରେ ଜାତ ହେଲେ ମାଟ ହୁଏ ନାହିଁ । ଜାତି-ଧର୍ମ-ନିର୍ବିଶେଷରେ ମଣିଷର ରକ୍ତକଣିକାରେ, ଯେଉଁ ଚିରନ୍ତନ ଶାଶ୍ବତ ଶୁଦ୍ଧପୂତ ସନାତନୀ ଭାବଧାରା ପ୍ରବାହିତ, ତାର ଅନୁସରଣ କରିଛନ୍ତି ଗୋପୀନାଥ । ହରିଜନର ସନ୍ଆ, ପୁନ୍ନ ମାଟ ହେଲେ ମଧ୍ୟ ଉନ୍ନତ, ଶିଳ୍, ବିଲ ବଣର ମାଲଧ ହେଲେହେଁ ତା'ର ସୌରଭ ଚତୁର୍ଦ୍ଦିଗରେ ସୃଷ୍ଟି କରିଛି ଏକ ଅପୂର୍ବ ଶିହରଣ ।

ଏ ତ ଗଳ୍ପ ଚରିତ୍ରର ବ୍ୟକ୍ତିକେନ୍ଦ୍ରିକ ଚିନ୍ତାଧାରା କିନ୍ତୁ ଗୋଷ୍ଠୀଗତ ସଂହତି କଥା ଚିନ୍ତା କଲାବେଳେ ବଣର ମଣିଷ କେତେ ସ୍ବଚ୍ଛ ଓ ଉଚ୍ଚ ତାହା ସହଜରେ ଅନୁମାନ କରିହୁଏ ସେମାନଙ୍କ ଜୀବନଯାତ୍ରାରୁ । ବ୍ୟକ୍ତିର ସୁଖରେ କନ୍ଧ ଗୋଷ୍ଠୀର ସୁଖ । ବ୍ୟକ୍ତିକୁ ନଗପଦରେ ଗ୍ରହଣକରି କନ୍ଧଗୋଷ୍ଠୀ ନିଜ

(୧) ଅମୃତର ସନ୍ତାନ – ବିଦ୍ୟାପୁରୀ ପ୍ରକାଶ, ପୃଷ୍ଠା ୨୨

କାମରେ ଯାଏଁ । ଗୋଷ୍ଠୀର ମଙ୍ଗଳରେ ହିଁ ତା'ର ମଙ୍ଗଳ ହୋଇ ସେ କାମନା କରେ । ତେଣୁ ଆତ୍ମତ୍ୟାଗ ସ୍ୱରୂପ ସେ ସ୍ପଷ୍ଟଭାବେ କହିଥିଲ, "ହେ ଦେବତା ଆମେ ଭୋଗ ଦେଉଛୁ ! କେହି ନଷ୍ଟ ନହେଉ, ବାଧ ନରହୁ, ସମସ୍ତେ ସୁଖରେ ଥାଆନ୍ତୁ, ଶାନ୍ତିରେ ଥାଅନ୍ତୁ । ଦେଶ ଉଜ୍ଜ୍ୱଳ ହେଉ, ରଜା ଉଜ୍ଜ୍ୱଳ ହେଉ ।" ୧୦ ଦିଗନ୍ତପ୍ରସାରୀ ସୁପ୍ରଶସ୍ତ ଆକାଶର ଶୂନ୍ୟତା ଭିତରେ ଐଶୀଶକ୍ତିର ସତ୍ତା ସେ ଅନୁଭବ କରୁଥିଲା ଏବଂ ଧରଣୀର ବକ୍ଷ ବିଦୀର୍ଣ୍ଣ କରି ଫସଲ ଫଳାଉଥିଲା । ସେଥିପାଇଁ ଦର୍ମୁ ଆଉ ଦର୍ତ୍ତିମା ଥିଲା ତା'ର ପରମ ଆରାଧ୍ୟ ଦେବତା । ଯାର ମହିମାର ସେ ସ୍ପଷ୍ଟସ୍ୱରରେ ଉଚ୍ଚାରଣ କରୁଥିଲା ।

"ସର୍ବେ ଭବନ୍ତୁ ସୁଖିନଃ, ସର୍ବେ ସନ୍ତୁ ନିରାମୟାଃ
ସର୍ବେ ଭଦ୍ରାଣି ପଶ୍ୟନ୍ତୁ, ମା କଶ୍ଚିତ୍ ଦୁଃଖଭାଗ୍ ଭବେତ୍ ।"

### ଗୋପୀନାଥଙ୍କ ଚରିତ୍ର ଜଗତ

ମନୁଷ୍ୟ ଜୀବନର ଚିତ୍ର ବହନ କରିଥିବାରୁ ଉପନ୍ୟାସ ଆଜି ସର୍ବଜନପ୍ରିୟ ଏବଂ ଚରିତ୍ର ବିନା କୌଣସି କଥା ଏହା

---

(୧୦) "ହାକିମ ହୁଲରେଟ୍, କିଡ଼ାଣ ହୁଲରେଟ୍
ଅବାରେ ମଣ୍ଡେବ ବାଲରେ ମଡ୍‌ଡେବ
ରଜ କାଁଗାଲ୍ ଆତେ ପକା କଣି କାଁଗାଲ୍ ହୁଲରେଟ୍
× × × × ×
ନଙ୍ଗେ ସେନୁ ବୋଗୁ ହିଲ୍ ମଞ୍ଜାଇଁ
ରଜ ଭଟେଜା ଆତାଇ ଦେଶ ଭଟେଜା ଆତାଇ ତିଞ୍ଜି ମଜାନେ ।"
ଅମୃତର ସନ୍ତାନ—ଦ୍ୱିତୀୟ ପ୍ରକାଶ, ପୃଷ୍ଠା ୫-୬

ମାଧ୍ୟମରେ ପ୍ରକାଶ କରାଯାଇ ନପାରେ ।"[୧୧] ତେଣୁ ଉପନ୍ୟାସକାର ଯେ କୌଣସି ଆଖ୍ୟାୟିକା ଗ୍ରହଣ କରନ୍ତୁ ନା କାହିଁକି ଉପନ୍ୟାସ ଓ ଜୀବନ ଏକାନ୍ତ ଆତ୍ମୀୟ ହେତୁ ଚରିତ୍ର ସଂଯୋଜନା ପ୍ରତି ଲେଖକ ଅଧିକ ଦୃଷ୍ଟି ଦେଇଥାନ୍ତି । ଜୀବନର ଏହି ଆତ୍ମୀୟତାକୁ ସ୍ୱୀକାର କରି ଉପନ୍ୟାସକାର ଜୀବନର ସାମଗ୍ରିକ ରୂପ ସନ୍ଧାନରେ ବ୍ରତୀ ହୁଅନ୍ତି । ଏହି ସାମଗ୍ରିକତାର ଅଭାବରେ ଉପନ୍ୟାସ ସାର୍ଥକତା ଲାଭ କରିପାରେ ନାହିଁ ।

ଉପନ୍ୟାସ ଅନ୍ତରଙ୍ଗ ଜୀବନର କଥା କହୁଥିବା ହେତୁ ଇତିହାସ ଅପେକ୍ଷା ଏଥିରେ ମଣିଷର ପୂର୍ଣ୍ଣତର ପରିଚୟ ଦେଖିବାକୁ ମିଳେ । ପ୍ରେମଚନ୍ଦ ସେଥିପାଇଁ ଯଥାର୍ଥରେ କହିଛନ୍ତି— "ଉପନ୍ୟାସକୁ ମୁଁ ମାନବ ଚରିତ୍ରର ଚିତ୍ର ବୋଲି ମନେ କରେ । ମାନବ ଚରିତ୍ର ପ୍ରକାଶ କରିବା ଏବଂ ଏହାର ରହସ୍ୟ ଉନ୍‌ମୋଚନ କରିବା ଉପନ୍ୟାସର ମୂଳକଥା ।"[୧୨]

ଉପନ୍ୟାସ ମାନବ ଜୀବନର ପ୍ରତିଫଳନ ହେତୁ ଏଥିରେ ବହୁ ଚରିତ୍ରର ସମାବେଶ ଅନସ୍ୱୀକାର୍ଯ୍ୟ । ପ୍ରତ୍ୟେକ ମଣିଷର

---

(୧୧) (a) The only reason for the existence of novel is that it does attempt to represent life.
The art of fiction --Henry James, Page 393
(b) Never present ideas except in terms of character—Andre Gide.

(୧୨) ମୈଁ ଉପନ୍ୟାସକୋ ମାନବ-ଚରିତ୍ରକା ଚିତ୍ର ସମଝ୍‌ତା ହୁଁ । ମାନବ ଚରିତ୍ର ପର ପ୍ରକାଶ ଡାଲନା ଔର ଉସକେ ରହସ୍ୟୋଂକୋ ଖୋଲନା ହି ଉପନ୍ୟାସକା ମୂଳତତ୍ତ୍ୱ ହୈ ।
ପ୍ରେମଚନ୍ଦ କୁଛ ବିଚାର – ୪ର୍ଥ ସଂ, ପୃଷ୍ଠା ୩୮

ନିଜସ୍ୱ ସତ୍ତା ମଧ୍ୟ ବିଦ୍ୟମାନ । ସେଇ ନିଜସ୍ୱ ସତ୍ତା ବ୍ୟକ୍ତିଗତ ବା ସାମାଜିକ ଯାହାକିଛି ହେଉନା କାହିଁକି ତାହା କାର୍ଯ୍ୟ କାରଣ ପରମ୍ପରା ଓ ଶକ୍ତି ଅନୁରକ୍ତି ମଧ୍ୟଦେଇ ପ୍ରକାଶ ପାଇବା ସ୍ୱାଭାବିକ । ଓ୍ୱାଲ୍‌ଟର୍ ଆଲେନ୍‌ଙ୍କ ଭାଷାରେ—"ଏଇ ସବୁ ବିଶେଷତ୍ୱ ମଧ୍ୟରେ ଚରିତ୍ର ହିଁ ସବୁଠାରୁ ଅଧିକ ପ୍ରଭାବଶାଳୀ । ଉପନ୍ୟାସକାର କେବଳ ନିଜର ଚରିତ୍ର ମାଧ୍ୟମରେ ହିଁ ଏକ ସୁସ୍ଥ ପରମ୍ପରା ସୃଷ୍ଟି କରିବାରେ ସମର୍ଥ ।"[୧୩] ତେଣୁ ଉପନ୍ୟାସରେ ସଂଯୋଜିତ ଚରିତ୍ର ନିଜର ପାତ୍ରରେ ପାଠକଙ୍କୁ ଆଲୋକିତ କରନ୍ତି । ଫଳତଃ ଉପନ୍ୟାସକାରଙ୍କ ଇଚ୍ଛାନୁସାରେ ଚରିତ୍ର ସବୁ ଗତିଶୀଳ ହୋଇଥାନ୍ତି । କେତେବେଳେ ସବୁ ସାଉଁଟା ଚରି ସାଉଁଟା ମାନ ପ୍ରତିଷ୍ଠାର୍ଥେ ନିଜକୁ ନିୟୋଗ କରନ୍ତି ଓ ଅନ୍ୟ କେତେବେଳେ ବଳୀୟାନ ପର ସ୍ୱାର୍ଥାନ୍ଧ ହୋଇ ସ୍ୱକୀୟ ଜୀବନର ଉନ୍ନତ ଶିଖରରେ ପହଞ୍ଚି ନିଜ୍‌ରେ ନିଜ ଡ଼ାକ ଗୁଞ୍ଜନ୍ତି । ସେଥିପାଇଁ ଉପନ୍ୟାସ ହେଉଛି ଯଥାର୍ଥରେ ମାନବ ଜୀବନର ଏକ ଦ୍ୱନ୍ଦ୍ୱାତ୍ମକ ବର୍ଣ୍ଣନା ।[୧୪]

ଗୋପୀନାଥ ତାଙ୍କ ଉପନ୍ୟାସ ସମୂହରେ ଚରିତ୍ର ଚିତ୍ରଣ କଲାବେଳେ ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ରୀତି ପ୍ରୟୋଗ କରିଛନ୍ତି ।

---

(୧୩) "..........of these abstractions the most important is character. Ultimately it is only through his characters that the novelist can succeed is what is his main social as opposed to aesthetic function."

English Novel—Walter Allen, Page 17

(୧୪) The interpretation of human life by means of fictious prose in narrative—E. A. Baker.

ସାଧାରଣତଃ ପ୍ରତ୍ୟକ୍ଷ ରୀତିସ୍ଥ ଉପନ୍ୟାସଗୁଡ଼ିକରେ ଲେଖକ ପ୍ରତ୍ୟକ୍ଷ ଭାବରେ ଅବତରଣ କରି ଚରିତ୍ର ଅଙ୍କନ କରେ; ପାତ୍ରପାତ୍ରୀଙ୍କର ଦୋଷଗୁଣ, ମନୋଭାବ, ହୃଦୟବୃତ୍ତି ଆଦି ବର୍ଣ୍ଣନା କରି ସମୟ ସମୟରେ ଟିପ୍ପଣୀ ଦେଇ—ଅଭିମତ ବ୍ୟକ୍ତ କରେ । ଏ ରୀତି ବିଶ୍ଳେଷଣାତ୍ମକ ହୋଇଥିଲେହେଁ, ଗୋପୀନାଥ ଅମୃତର ସନ୍ତାନ, ପରଜା, ଦାଦିବୁଢ଼ା, ଶିବଭାଇ ପ୍ରଭୃତି ଉପନ୍ୟାସରେ ଏ ରୀତି ଅବଲମ୍ବନ କରିଛନ୍ତି ।

ପରବର୍ତ୍ତୀ ପର୍ଯ୍ୟାୟର ଉପନ୍ୟାସ ସମୂହରେ ଉପନ୍ୟାସକାର ନାଟକୀୟ ରୀତି ପ୍ରୟୋଗ କରିଥିଲେଭଳି ମନେ ହୁଏ । ଉପନ୍ୟାସର ଚରିତ୍ର ମାଧ୍ୟମରେ ସମଗ୍ର ଜୀବନର ଅବ୍ୟକ୍ତ କାହାଣୀ ବ୍ୟକ୍ତ କରାଯାଇଛି । ଦାନାପାଣି ଉପନ୍ୟାସରେ ପାତ୍ରପାତ୍ରୀଗଣ ନିଜ ନିଜର କାର୍ଯ୍ୟକଳାପ ତଥା ସଂଳାପ ମାଧ୍ୟମରେ ଆପେ ଆପେ ପ୍ରକାଶ ଲାଭ କରିଛନ୍ତି । ଏଙ୍କଟ ରାଓର କାର୍ଯ୍ୟ ଦକ୍ଷତା, ବଳୀଦତ୍ତର ଘାତ ଭାବନା, ଚିନ୍ତା ଅନୁଚିନ୍ତା ମଧ୍ୟଦେଇ ପ୍ରକାଶ ପାଇଛି । ଏଠାରେ ଲେଖକ ପୃଷ୍ଠଭୂମିର ଅନ୍ତରାଳରେ ରହି ନାଟକୀୟ ରୀତିରେ ସବୁ ଚରିତ୍ରର ଚାରିତ୍ରିକ ମହନୀୟତା ପ୍ରକାଶ କରାଇଛନ୍ତି ।

ଗୋପୀନାଥଙ୍କ ଉପନ୍ୟାସରେ ଅନ୍ୟାନ୍ୟ ଓଡ଼ିଆ ଉପନ୍ୟାସକାରଙ୍କ ଭଳି, ପୁରୁଷ ଚରିତ୍ର ଅପେକ୍ଷା ନାରୀ ଚରିତ୍ର ପ୍ରତି ଅଧିକ ଦୃଷ୍ଟି ଓ ସୂକ୍ଷ୍ମତା ପ୍ରକାଶ ପାଇଥିଲା ଭଳି ମନେହୁଏ । ନାରୀ ଜୀବନର ସ୍ୱକୀୟତା, ଚିନ୍ତା ଅନୁଚିନ୍ତା ଆଦିକୁ ରୂପାୟିତ କରିବା ପାଇଁ ଲେଖକ ଯେତିକି ବ୍ୟଗ୍ର, ସେତିକି ପରିମାଣରେ ସଂସ୍କୃତିଗତ ଐତିହ୍ୟସମ୍ପନ୍ନ ନାରୀର, ନାରୀତ୍ୱକୁ ରୂପାୟିତ

କରିବା ପାଇଁ ମଧ୍ୟ ଚଞ୍ଚଳ ହୋଇ ପଡ଼ୁଛନ୍ତି । ଉପନ୍ୟାସସ୍ଥିତ ନାୟିକାର ଚରିତ୍ରିକ ସ୍ଖଳନ ବା ଉଚ୍ଛୃଙ୍ଖଳତା ପାଇଁ ଅନ୍ୟମାନଙ୍କ ଉପରେ ଦୋଷାରୋପ ନକରି ଜୀବନର ଅବଶିଷ୍ଟ ମୂର୍ତ୍ତିମନ୍ତ ମଧୁମୟ ସୌନ୍ଦର୍ଯ୍ୟପୂର୍ଣ୍ଣ ଅବସ୍ଥା ସୂଚାଇବା ପାଇଁ ଉପନ୍ୟାସକାର ସତେ ଯେମିତି ବ୍ୟାକୁଳ ଓ ବ୍ୟଗ୍ର ହୋଇ ପଡ଼ିଛନ୍ତି ।

ମନୁଷ୍ୟ ଜୀବନରେ ଏଇ ଯେଉଁ ତ୍ରୁଟି ବିଚ୍ୟୁତି, ବିଶୃଙ୍ଖଳା ଆଦି ଦେଖାଦେଇଥାଏ ଏହା କେବଳ ପାରିପାର୍ଶ୍ୱିକ ପରିସ୍ଥିତିର ତାଡ଼ନାରେ । ସରକାର ଜଲି ବଲି, ହରିଜନଭ ସୁନ, ଗହ୍ୱର ଗ୍ରାସ୍ୟାର ସଖି ନରକକୁ ଓହ୍ଲାଇ ଆସିଛନ୍ତି ପରିସ୍ଥିତିର ଘର୍ଷ ଚାପାରେ । ମନୁଷ୍ୟ ପ୍ରାଥମିକ ପ୍ରବୃତ୍ତିର ଦାସ ହେଲେହେଁ ନାରୀର ଯୌନ ଲିପ୍ସା, ରତିତୃପ୍ତି ବା ଦେହଜ କାମନାର ପରିତୃପ୍ତି ମଧ୍ୟରେ ଶାଳୀନତା ପ୍ରକାଶ ପାଇବା ଉଚିତ ବୋଲି ଗୋପୀବାବୁ ଦୃଢ଼ ଭାବରେ ଗ୍ରହଣ କରିନେଇଛନ୍ତି । ପରିସ୍ଥିତି ଓ ପରିବେଶର ଆବେଷ୍ଟନୀରେ ସଖି ନିଜର ପିତାମାତାଙ୍କୁ ହରାଇ ସମୀର ବାବୁଙ୍କ ଆଶ୍ରୟ ଗ୍ରହଣ କରିଛି । ମନକୁ ସଦାସର୍ବଦା ଯୁବ ପ୍ରାଣରେ ଅନୁରଞ୍ଜିତ କରି ସମୀର ବାବୁ ସଖି ପ୍ରାଣରେ ପୁଲକ ଭରି ଦେଇଛନ୍ତି, କିନ୍ତୁ ଅବିବାହିତା ସଖିକୁ ଏ କ୍ଷେତ୍ରରେ ସମାଜ ଗ୍ରହଣ କରନ୍ତା କିପରି ? ଅଗେଇ ଆସିଛନ୍ତି ଜଦସୁ, ଘନଶ୍ୟାମ, ବିଭୂତିଭୂଷଣ, ହେମନ୍ତ, ନରେନ୍ଦ୍ର ଓ ସର୍ବଶେଷରେ ମିଷ୍ଟର ରେଡ୍ଡି ।

ଯୁଗ ଯୁଗର ସଞ୍ଚିତ ବେଦନା ନିଷ୍ପ୍ରଭ ହୋଇଛି । ପୁରୁଷର ଦୁର୍ବାର ଲାଳସାରେ ସଖିର ଯୌବନ, ପ୍ରଣୟ ସବୁ ଜଳପୋଡ଼ି ଛାରଖାର ହୋଇଛି । ସେ ସ୍ତ୍ରୀ ହୋଇନାହିଁ, ଘର କରିନାହିଁ, ସନ୍ତାନକୁ ଗର୍ଭରେ ଧରିନାହିଁ, ଗିର ଖୋଇନାହିଁ

ଅଥବା କାହାର ଅଧିକାରର ମୋହଭ୍ରମରେ ସେ ମିସେସ ଅମୁକ କ ସମ୍ମୁଖ ହୋଇନାହାନ୍ତି । କେବଳ ହସ ଖୁସି ରଙ୍ଗ ବନ୍ଧୁ ଜାଲ ଲୁଣ୍ଠେଇଛନ୍ତି, କାଉ ଉଡ଼ିଯାଇଛନ୍ତି, ତାର ହସର ପୁଞ୍ଜି ସରିଆସିଛି । ସଂସାରରେ ହେଇ ସତ୍ତ୍ୱ ଅଛି କିନ୍ତୁ ଯୌବନର ଯୁଗ ବିତିଯାଇଛି । ଯୁବକର ଗନ୍ଧସନ୍ଧ, ବଳସ୍ୱର ଉଲ୍ଲାସ ନାହିଁ । ଆତ୍ମଦୃଷ୍ଟିର ଭେକ ପିନ୍ଧି କେବଳ ଅନ୍ଧ ସନ୍ଦେହରେ ଛିନ୍ନ ମେଘ-ଜୀବନ ତାକୁ ଫାଙ୍କିଦେଇଛି । ପଛେ ପଛେ ସନ୍ଧ୍ୟାର ଛାଇ, କେବଳ ଛାଇ ।

ମେହେନ୍ତର ସମାଜର ଅଜଣା ଅବର୍ଜନା ଭିତରେ 'ଖତଗଦାରେ ପଦ୍ମଫୁଲ' ପରି ପୁନ ପ୍ରସ୍ଫୁଟିତା । ତା'ର ଯୌବନକୁ ସଭ୍ୟ ସମାଜ ବୀଭତ୍ସ ଦୃଷ୍ଟିରେ ସ୍ୱାଗତ କରିଛି । ସତେ ଯେମିତି ଧନୀକ ଗୋଷ୍ଠୀର ଏମାନେ ଭୋଗ୍ୟ ବସ୍ତୁ । ପୁନ ମୁହଁରେ, "ଶିକ୍ଷା ନାହିଁ, ଜନ୍ମଗତର ଆନନ୍ଦ ନାହିଁ । ସାରା ଦୁନିଆରେ ସମ୍ପତ୍ତି ବୋଲି ଅଣ୍ଟାଳି ବସିଲେ, ମିଳେ ଖାଲି ନଙ୍ଗ ଦେହ । ତାକୁ ହିଁ ଟର୍ଚ୍ଚ କରି ଚାନ୍ଦୀ ଉପରେ ଦୃଷ୍ଟିରେ ଥୋଇ ଥୋଇ, ମନର ଅଭାବ, ଦେହର ଅଭାବ ମେଣ୍ଟାଇବା କାମ । ଭଦ୍ରଜୀବନ ମୁହଁ ଆଗରେ ଠୋକେଇ କାଟିଖାଇ ନିତି ବୁଲି, ମଣିଷର ଜନ୍ମଗତ ଭୂଷଣ ଯେଉଁ ଆତ୍ମସମ୍ମାନ କେଉଁଦିନୁ ତାହା ଝିଙ୍ଗାପଡ଼ ନର୍ଦ୍ଦମାରେ ଲେଟିସାରିଛି ।" [୧୫] ଜଳ ଜଳ ଜୀବନ୍ତ ମଧ୍ୟ ସେଇଆ । ଜୀବନର ଓ ପରିସ୍ଥିତିର ଭୂଚାଳରେ ଜଳି ଜଳିର ଯୌବନକୁ ସମର୍ପି ଦେଇଛି କଣ୍ଟ୍ରାକ୍ଟର ଓ ସାହୁକାର ନିକଟରେ ।

ଗୋପୀବାବୁଙ୍କ ନାରୀ, ଜୀବନ ଜିଜ୍ଞାସାର ସମ୍ମୁଖୀନ ହୋଇଛନ୍ତି । ଭିନ୍ନ ମାନସିକ ସଙ୍ଘର୍ଷ ମଧ୍ୟଦେଇ ଏମାନେ

---

(୧୫) ହରିଜନ – ଅଭିନବ ସଂସ୍କରଣ, ପୃଷ୍ଠା ୨୨୬-୨୨୭

ଗଲ୍ଭର୍ଣ୍ଣୀଳା ହୋଇଥିଲେହେଁ ମାନସିକ ଦ୍ୱନ୍ଦ୍ୱର ତୀବ୍ରତା କୁତ୍ରାପି ପରିଦୃଷ୍ଟ ହୁଏନାହିଁ । ପୁଣି ନାରୀ ଜୀବନର ଐକାନ୍ତିକ କାମନା 'ମାତୃତ୍ୱ' ପାଇଁ, ଏମାନେ ବ୍ୟାକୁଳ ହୋଇନାହାନ୍ତି । ବରଂ ସ୍ୱଳ୍ପ ପରିସର ମଧ୍ୟରେ ମାତୃହୃଦୟର ନିର୍ମଳ ପରିଚୟ ଦେବାକୁ ଯାଇ ନେପଥ୍ୟରେ କେତେ ଜଣ ନାରୀ ଆଗେଇ ଆସିଛନ୍ତି (କାକୋଡ଼ି, ପିଓନ୍ଟିର ମା, ମୁକ୍ତା, ପାର୍ବତୀ, ଯଶୋଦା ଓ ଜେମା) ସେମାନଙ୍କ ମାତୃହୃଦୟର ଆବେଗ ଅପେକ୍ଷା ବଳିଷ୍ଠ ବ୍ୟକ୍ତିତ୍ୱହିଁ ପାଠକଙ୍କୁ ବିଶେଷ ଅଭିଭୂତ କରିଛି । ଅମୃତର ସନ୍ତାନ ଉପନ୍ୟାସସ୍ଥିତ ପୁଷ୍ପ ସମଗ୍ର ଗୋପୀନାଥଙ୍କ ନାରୀ ଜଗତ ମଧ୍ୟରେ ଏହିଦିଗରୁ ଏକ ବ୍ୟତିକ୍ରମ । ମାତୃହୃଦୟର ଦୁର୍ବାର ଲାଳସା କସ୍ତୁରୀ ପରିମାଣରେ ତା ନିକଟରେ ପ୍ରକାଶ ପାଇଛି ।

ଲେଖକ ସାଧାରଣ ଭାବରେ **Boy meets the girl** ଥିଓ, ନାରୀ ଚରିତ୍ର କ୍ଷେତ୍ରରେ ପ୍ରୟୋଗ କରିନାହାନ୍ତି ଅଥବା ଏକ ମଧୁମୟ ଦାମ୍ପତ୍ୟ ଜୀବନର ଔତ୍ସୁକ୍ୟ, ଆବେଗ ପ୍ରଭୃତିକୁ ରୂପାୟିତ କରି ନାହାନ୍ତି ବରଂ ନାରୀ ଜୀବନର ଅବହେଳିତ ଦିଗ ପ୍ରତି ବିଶେଷ ଦୃଷ୍ଟି ଦେଇଛନ୍ତି । ସେମାନଙ୍କର ନୈରାଶ୍ୟ, ଅଶାନ୍ତି, ବିଚ୍ଛେଦ, ଦୁଃଖ ଦୁର୍ଦ୍ଦଶା ଓ ପରିସ୍ଥିତି ମଧ୍ୟଦେଇ ପ୍ରବାହିତ ବିଭିନ୍ନ ଘଟଣାର ପ୍ରବଳ ଘୂର୍ଣ୍ଣିବାତ୍ୟା ମଧ୍ୟରେ, ମାନସିକ ଅସ୍ଥିରତାର ପୁଙ୍ଖଳ ପ୍ରକାଶହିଁ ଲେଖକଙ୍କ ଉପଜୀବ୍ୟ ବିଷୟ ।

ଆଧୁନିକ ଜୀବନର ଧାରା ଖଣ୍ଡିତ ଓ ଶୋକଗ୍ରସ୍ତ, ଏକଥା ପୂର୍ବେ ସୂଚିତ; ତେଣୁ ଏଇ ଖଣ୍ଡିତ ଜୀବନର ବିଭ୍ରାନ୍ତିକର ପରିସ୍ଥିତିରେ ନାୟିକା ମଧ୍ୟ ଅନେକ ସମୟରେ ନିଜ ଆଦର୍ଶରେ ବିବ୍ରତ ଓ ବିଭ୍ରାନ୍ତ ହୋଇପଡ଼େ । ଦାନାପାଣିର ମିଲି ଓ ନଳି, ଅପହଞ୍ଚର ହିରା ଦେବୀ, ସପନମାଟିର ଦୁପ୍ରଭା ଦେବୀ ଅଥବା

ଲପୁଶଲପୁର ପୁରୀ ସମୁଦ୍ରକୂଳରେ ଅର୍ଦ୍ଧନଗ୍ନା ସିକ୍ତବସନା ତନ୍ୱୀମାନଙ୍କର ବର୍ଣ୍ଣନା, ଏ ପ୍ରସଙ୍ଗରେ ଉଲ୍ଲେଖଯୋଗ୍ୟ । ସାଧାରଣ ଭାବେ ଏମାନେ କେବଳ ମୁଖ୍ୟ ଆଖ୍ୟାନ ଭାଗର ଅଭିବୃଦ୍ଧି ନିମନ୍ତେ ଅନ୍ତପ୍ରେତ ନୁହନ୍ତି, ଅଥବା ଉପନ୍ୟାସର ମେଦବୃଦ୍ଧି ନିମନ୍ତେ ଚିହ୍ନିତ ନୁହନ୍ତି, ବରଂ ଏମାନେ ସମସ୍ତେ ଏଇ ଆଧୁନିକ ଜୀବନର ଚିନ୍ତାଧାରାରେ ଅଭିପ୍ରେତ ।

ଗନ୍ଧରତ୍ନପ୍ରା ଉପନ୍ୟାସରେ ଏକ ନାରୀ ଜୀବନର ଅବ୍ୟକ୍ତ କାହାଣୀ ବ୍ୟକ୍ତ କରାଯାଇଛି । କୁଣ୍ଠପୂର୍ଣ୍ଣ ଆବହାଓ୍ୱା ଭିତରେ ପରିବର୍ଦ୍ଧିତା ହୋଇ ବିଶ୍ୱବିଦ୍ୟାଳୟର ଉଚ୍ଚଶିକ୍ଷା ଲାଭ ସତ୍ତ୍ୱେ ସଷ୍ଟିର ରୁଚି ଓ ଚିନ୍ତାଧାରାରେ ସଂସ୍କୃତ ପ୍ରାଣତାର ଭାବଧାରା ଦେଖିବାକୁ ମିଳେ ନାହିଁ । ଚଳଚ୍ଚିତ୍ର ଜଗତରୁ ଏକ ଅପ୍ରଚ୍ଛନ୍ନ, ଅବାସ୍ତବ ଆଦର୍ଶ ଢୋଳନେଇ ସେ ନିଜର ଜୀବନ ଗଢ଼ିବାକୁ ବସିଛି । ସେ ଭାବୁଛି ବିଧାତାର "ଶ୍ରେଷ୍ଠତମ ସୃଷ୍ଟି ଏଇ ଦେହ-ଜୀବନ କେବଳ ବଞ୍ଚିବା, ଉପଭୋଗ କରିବା ଓ ଶଦା ବଚନକାରେ ସନ୍ତି ହରେଇବା ।" ସନ୍ତି ଯଥାର୍ଥରେ ଆଧୁନିକ ମରୁ-ସମାଜର ଏକ ନୂଆର ପ୍ରତିନିଧି । "ଓଟାରିବା ଓ ଓଟାରି ହେବା ସଂଘର୍ଷରେ କ୍ଲାନ୍ତ ଗୋଟାଏ ନାରୀର ଦେହ; ସେଥିରୁ ଦୁର୍ବଳ ଦେହ ଉପରେ ଦୂର ଶାଗୁଣାର ଦୃଷ୍ଟି ।"

ଏ ଚିନ୍ତାଧାରା ଲେଖକଙ୍କ ସ୍ୱତନ୍ତ୍ର ଏପିକ୍‌ଧର୍ମୀ ମାଟିମଟାଳ ଉପନ୍ୟାସ ବେଳକୁ ସମ୍ପୂର୍ଣ୍ଣ ପରିବର୍ତ୍ତିତ ହୋଇଛି । ସେଥିରେ ନାରୀ ଚରିତ୍ରର ଦୈହିକ ସୌନ୍ଦର୍ଯ୍ୟର ସ୍ଫୁରଣ ନାହିଁ ବା ନଗ୍ନ ଯୌବନର ଚିତ୍ର ପ୍ରକାଶ ପାଇନାହିଁ ବରଂ ନାରୀ ଜୀବନର ଶାନ୍ତ କମନୀୟ ଉଜ୍ଜ୍ୱଳ ଶୁଭ୍ରମୟ ସଂଭ୍ରମଯୁକ୍ତ ପରିବେଶର ବର୍ଣ୍ଣନା କରାଯାଇଛି । ମାଟିମଟାଳର ଛବି ଶାଳୀନତା ରକ୍ଷା କରି ଅନେକ କଥା ଅକୁହା

ରଖିଯାଇଛନ୍ତି । ଅନ୍ତରର ଆବେଗ ଓ ଉଚ୍ଛ୍ୱାସକୁ ଭ୍ରୂଣରେ ପ୍ରକାଶ କରି ମଧ୍ୟ କରିପାରନ୍ତି, ଅଧା ଆଲୁଅ ଅଧା ଅନ୍ଧାର ଭିତରେ ଆଖିରେ ପୋଥିଏ କଥା ଶାନ୍ତିରେ ନୀରବ ଭାଷା ଓ ମନର ଗୁହାବାଣୀ ମାଧ୍ୟମରେ ପ୍ରକାଶ କରନ୍ତି "ଛାଇ ତଳ, ବଉଳ ଫୁଲର ମହକ, ଦେହରେ ପବନ ବାଜୁଛି, ଆଖିପତା ବୋଝ ବୋଝ ଲାଗୁଛି । ଛବି ନଇଁପଡ଼ି ବଉଳଫୁଲଗୁଡ଼ାଏ ଗୋଟେଇ ନେଇ ଅଞ୍ଜୁଳାରେ ଧରି ଠିଆ ହେଲା । ତା ମୁହଁରେ ହସଟିଏ ଫୁଟି ମାଂଟେଇ ରହିଲା, ମନେ ମନେ ସେ ଦେଖୁଥିଲା ରବିକୁ ।" [୧୬] ଏଇ ମନେ ମନେ ଦେଖିବା ଭିତରେ ଯେଉଁ ଅନନ୍ୟ ମନୋଜ୍ଞ ପରିବେଶ ପ୍ରକାଶ କରାଯାଇଛି ତାହା ପ୍ରକୃତ କଳାର ପରିପୂରକ । ହୁଏତ କିଛି ନ କହିବାର ସଚେତନତା ଭିତରେ ଛବି ସବୁକିଛି କହି ପାରିବାର ସାମର୍ଥ୍ୟ ହାସଲ କରିପାରିଛି । ସେଥିପାଇଁ ଯଥାର୍ଥରେ ସିନ୍ଧୁ ଚୌଧୁରୀ କହୁଥିଲେ, "ସେମାନେ ପରସ୍ପରକୁ ଚିହ୍ନନ୍ତି । ଦୁହିଁଙ୍କର ଏକା କାମରେ ଝୁଙ୍କ । ଜଣେ ଘର ଛାଡ଼ି ଜଗତଟାକୁ ଘର କରିଛି, ଜଣେ ଘରେ ରହି ବି ସତେ କି ଅଯୋଗୀ । ମୋତେ ତ ଲାଗୁଛି, ତାଙ୍କର ଯଦି କେବେ ବିଭାଘର ହେବ ସେ ବି ହେବ ଗୋଟାଏ ଯୋଗ ସାଧନାର ପରିଣତି, ଦହା ବନ୍ଧାଳ ହୃଦୟ ତ୍ୟାଗ ତପସ୍ୟା ସ୍ନେହ ଉଦାରତାରେ ତାଛଇ ହୋଇ ପଡ଼ୁ ପଡ଼ୁ କେତେବେଳେ ଏକାଠି ହୋଇଯିବ ।" [୧୭]

ଗୋପୀବାବୁ ନାରୀ ଚରିତ୍ର ଭଳି ପୁରୁଷ ଚରିତ୍ରଗୁଡ଼ିକୁ ଗୋଟାଇଲାବେଳେ ଯଥେଷ୍ଟ ସତର୍କତା ଅବଲମ୍ବନ କରିଛନ୍ତି ।

---

(୧୬) ମାଟିମଟାଳ—ପ୍ରଥମ ସଂସ୍କରଣ, ପୃ ୯୬୯-୭୦

(୧୭) ତଦୈବ, ପୃ ୧୨୮

ଥାକରେ (Thackery)ଙ୍କ ସଦୃଶ ଗୋପୀବାବୁ ମାନସ ସନ୍ତାନଙ୍କୁ ସୃଷ୍ଟି କରି ଦେଇ ସେମାନଙ୍କ ଉପରେ ନିଜକୁ ସମ୍ପୂର୍ଣ୍ଣ ଭାବରେ ଛାଡ଼ିଦେଇଛନ୍ତି । [୧୮]

ଘାତାଡ଼ିଆ ବଣୁଆ ପରିଜାର ଆଶା, ଅଭିଳାଷ, ସଂଗ୍ରାମ, ସଂଘର୍ଷ ଓ ବ୍ୟର୍ଥତା ମଧ୍ୟଦେଇ ବଳିଷ୍ଠ ପୌରୁଷର ଜୟ ଜୟକାର ଧ୍ୱନି ସନ୍ଧିତ ଆଧୁନିକ ଈର୍ଷାପରାୟଣ ଭୋଗାମଦକାଂକ୍ଷୀ ଫମ୍ପା ଅହମିକାପୂର୍ଣ୍ଣ ଜୀବନଯାତ୍ରାର ଏକ ସୁନ୍ଦର ସମନ୍ୱୟ ହୋଇଛି ଗୋପୀନାଥଙ୍କ ପୁରୁଷ ଚରିତ୍ରରେ । ଔପନ୍ୟାସିକ ଏଇ ଯେଉଁ ବିରାଟ ଚରିତ୍ର ଚିତ୍ରଶାଳା ଉନ୍ମୋଚନ କରିଛନ୍ତି ଏଥିରେ ନିସ୍ୱ ଜଙ୍ଗଲି ନଙ୍ଗଳା ଜାନୁଆଙ୍କ ସୁବୁଜାଣ ପ୍ରତି ପାଠକ ସମ୍ବେଦନଶୀଳ ମନୋଭାବ ବ୍ୟକ୍ତ କଲାବେଳେ ଅପରପକ୍ଷେ ଲଞ୍ଜୁଆ, ମିଛୁଆ, ସାହୁକାର ପ୍ରତି ମନ ବିଷେଇ ଉଠେ ।

ଆଧୁନିକ ମାନବ ମନରେ ବିଭିନ୍ନ ବାଦ ବିସମ୍ବାଦ ଅନବରତ ଲାଗିରହିଛି । ରାଜନୈତିକ କ୍ଷେତ୍ରରେ କମ୍ବା ସାହିତ୍ୟ ଜଗତରେ ଦେଖାଦେଇଥିବା ପ୍ରତିବାଦ ଓ ତାର ପ୍ରତିଷ୍ଠା ମୂଳରେ ରହିଛି ଆମର ଦୈନନ୍ଦିନ ଜୀବନରେ ଦେଖା ଦେଇଥିବା ସମସ୍ୟାର ସମାଧାନ । ଏଇ ସମାଧାନ ଚେଷ୍ଟାରେ ମଣିଷ ନିଜର ଗତିପଥ ହରାଇ ବେଳେ ବେଳେ ଉଦ୍‌ଭ୍ରାନ୍ତ ହୋଇଛି ସିନା ସମାଧାନର ଅନ୍ତ ନାହିଁ । ଆବହମାନକାଳରୁ ଲାଗି ରହିଥିବା ଶୋଷକ ଓ ଶୋଷିତ ମଧ୍ୟରେ ସମସ୍ୟାର ସମାଧାନ କରିବାକୁ ଯାଇ ସାହୁକାର

(୧୮) I do not control my characters. I am in their hands and they take me where they please. An introduction to study of literature— Hudson, Page 144

ଦେହରେ ମାଣ୍ଡିଆ ଓ ସୁକୁ ଝାଙ୍ଗିଆର ଚୋଟ ପକାଇଛନ୍ତି । ଫକୀରମୋହନଙ୍କ ମାନସ-ସନ୍ତାନ ଭଗିଆ ପରି ଏମାନେ ମୂର୍ଖ ହେଲେ ହେଁ ମୂକ ନୁହନ୍ତି । ଭଗିଆ, ବଗୁଲା, ଶ୍ୟାମମଲ୍ଲ ପ୍ରଭୃତି ମନର ଭାଷା ପ୍ରକାଶ କରିବା ପାଇଁ ଅବସର ଆସିନାଇ କିନ୍ତୁ ସୁକୁ ଓ ମାଣ୍ଡିଆ ମୂର୍ଖ ହେଲେ ହେଁ ସଭ୍ୟତାଲୋକରେ ରାମଚନ୍ଦ୍ର ବରଣୋଇ ଅଥବା ରଞ୍ଜନ ଇନସପେକ୍ଟରର ଅତ୍ୟାଚାର ସହ୍ୟ କରିବାକୁ ଅକ୍ଷମ ହୋଇପଡ଼ିଛନ୍ତି । ସେମାନେ ପରଜା, ବଣର ପଶୁପରି, କିନ୍ତୁ ଯେଉଁଠି ପଶୁପରି ସୁଦ୍ଧା ସେମାନଙ୍କୁ ଜୀବନ ଯାପନ କରିବାର ଅଧିକାର ଦିଆଯାଇନାଇ ଅର୍ଥାତ୍ ମନୁଷ୍ୟତା ଉପରେ ପଶୁତ୍ୱ ପୂର୍ଣ୍ଣ ଅଧିକାର କରିନେଇଛି ସେତେବେଳେ ସେମାନେ ଆଉ ମନୁଷ୍ୟ ହୋଇ ରହିନାହାନ୍ତି, ଜଙ୍ଗଲ ପଶୁପରି ବିଦ୍ରୋହ କରିଛନ୍ତି । ସଂସହଣି ବୁଢ଼ା ଆଉ ତା'ର ପୁଅମାନେ, ଯିଏ ସରକାରୀ ଘର ପିଅନ ଦେଖିଲେ ସାତଥର ଗୋଡ଼ ତଳେ ପଡ଼ନ୍ତି, ଅଚଳନ୍ତି ପାହାଡ଼ ପ୍ରକୃତିକୁ ଯେଉଁମାନେ ଦେବତା ବୋଲି ପୂଜା କରନ୍ତି, ସେଇମାନେ ପୁଣି ଦୁଃଖ, କ୍ଷୋଭ, ରାଗ ଓ ବ୍ୟର୍ଥତାରେ 'ଭୋଗି ପାରିବୁ ନାଇ ସାହୁକାର' କହି ବସାଇଛନ୍ତି ରାମଚନ୍ଦ୍ର ସାହୁକାର ଉପରେ ଝାଙ୍ଗିଆର ଚୋଟ । ଏ ଚୋଟ କେବଳ ରାମଚନ୍ଦ୍ର ବରଣୋଇ ଉପରେ ନୁହେଁ, ସମଗ୍ର ସାହୁକାର ସମାଜ ଉପରେ ।

ଯୁଗ ଯୁଗ ଧରି ମାନବ ଉପରେ ହେଉଥିବା ଚିର ବର୍ବରତା ଓ ଅତ୍ୟାଚାର ପ୍ରତି ବିଦ୍ରୋହ ହେବା ସ୍ୱାଭାବିକ । ଅହିଂସା ଓ ଆଦର୍ଶବାଦର କ୍ଳୀବତ୍ୱ ଏବଂ ଆବରଣକୁ ଛିନ୍ନ କରି ଜାଜ୍ୱଲ୍ୟମାନ ହେଉଥିବା ନଗ୍ନ ବାସ୍ତବତା ହିଁ ଲେଖକଙ୍କ ପ୍ରଧାନ ଉପଜୀବ୍ୟ ବିଷୟ ।

ଆଧୁନିକ ସମାଜ ମଣିଷକୁ ଏପରି ଏକ ଅବସ୍ଥାକୁ ଟାଣିଆଣିଛି ଯେଉଁଠି ଚିନ୍ତାର ସଙ୍କଟ ଓ ବିରୋଧୀ ଚିନ୍ତାର ସଂଘର୍ଷ ଅନିବାର୍ଯ୍ୟ ।

ଗୋପୀନାଥଙ୍କ ପୁରୁଷମାନସ ସେଥିପାଇଁ ସମତଳ ବା ସମଧର୍ମୀ ହୋଇପାରିନାହିଁ—ବଳୀବନ୍ତ ଦାନାପାଣି ଯୁଦ୍ଧରେ ସମ୍ମାନ ଅହଂ ପ୍ରତିଷ୍ଠା କରି ଶେଷରେ ହତାଶ ହୋଇଛି "ସାରା ଜୀବନ ଦୁନିଆ ଉପରେ, ବଡଲୋକ ମନରେ ସେ ଧାକ୍କା ଲାଗିଲା ଦୁନିଆର ଅସମତାକୁ, ଅନୁଭବ କଲା ସେ ଅତ୍ୟାଚାରିତ ସେ ଦୁଃଖୀ।" ¹⁹

କାର୍ଲ ମାର୍କ୍ସଙ୍କ କମ୍ୟୁନିଜମ୍, ମହାତ୍ମାଗାନ୍ଧିଙ୍କ ଅସହଯୋଗ ଆନ୍ଦୋଳନ ଓ ଅହିଂସା ମନ୍ତ୍ର ଆଦର୍ଶବାଦୀ ଯାଦବ ପ୍ରଧାନଙ୍କୁ ବିଶେଷ ଉଦ୍‌ବେଳିତ କରିଛି—ଏହାର ଭିତରେ ଉବେଇ ଟୁବେଇ ହୋଇ ସେ ଦେଖିଛି ଦୁନିଆ ପରିବର୍ତ୍ତନ ହୋଇଛି କିନ୍ତୁ ନିଷ୍ପେଷିତ ଜନତା ମଧ୍ୟରେ ସେ ନିଜର ସତ୍ତା ଖୋଜି ପାଇନାହିଁ। ଅନ୍ୟାନ୍ୟ ଉପନ୍ୟାସରେ ମଧ୍ୟ ସେହି ଅନୁକୃତି ଦେଖିବାକୁ ମିଳେ। ସାଦାସିଧା କର୍ମଚଞ୍ଚଳ ଶରତ ବାବୁ, ଗୁଳଣିଆ ପ୍ରସନ୍ନ ବାବୁ (ଶରତ ବାବୁଙ୍କ ଗଳ), ସଭ୍ୟ ଶିକ୍ଷିତ ପ୍ରତିପତ୍ତିସଂପନ୍ନ ଅବିନାଶ ବାବୁ ଅଥବା ନେତା ଶୈଳେନ୍ଦ୍ର ବାବୁ (ହରିଜନ) ରାଧେଶ୍ୟାମ (ମନଗହିରର ଚାଷ) ତରୁଣ ବସୁ (ଲୟବିଲୟ) ରବି (ମାଟିମଟାଳ) ପ୍ରଭୃତି ସବୁ ସେଇ ଗୋଟିଏ ଗାଲ୍‌କପିର ଏକ ଏକ ବିଶିଷ୍ଟ ବ୍ୟକ୍ତିତ୍ୱ। ମାଟିମଟାଳର ନାୟକ ରବି ଗୋପୀବାବୁଙ୍କ ମାନସ-ସନ୍ତାନର କ୍ରମବର୍ଦ୍ଧିଷ୍ଣୁ ସିଢ଼ିର ସର୍ବୋଚ୍ଚ ସୋପାନରେ ଆସୀନ ହୋଇ ଯେଉଁ ମାତ ନିୟମ ଓ ଆଦର୍ଶ ଉପସ୍ଥାପିତ କରିଛି ତାର ଭିତରେ ମଣିଷ ପଣିଆର ଶ୍ରେଷ୍ଠ ନିଦର୍ଶନ ମିଳେ। ଔପନ୍ୟାସିକଙ୍କ ରୂପିଲା ବ୍ୟକ୍ତିତ୍ୱ ଭଙ୍ଗିମାରେ। "× × ପରଠୁଁ ଉପୁ ଥରୁ ଥରୁ ମାନତା ଦରକାର ନାହିଁ, ଖାଲି ଟିକିଏ ଲୁଖୁବା ସ୍ନେହ, ସରଳ

---

(୧୯) ଦାନାପାଣି—ପ୍ରଥମ ସଂ. ପୃ ୩୦୮

ବିଶ୍ୱାସ ଟିକଏ, ମଣିଷକୁ ସେ ମଣିଷ ବୋଲି ଚିହ୍ନିବ, ମଣିଷ ବି ତାକୁ ମଣିଷ ବୋଲି ସ୍ୱୀକାର କରିବ, ଆଉ ଅଧିକା କ'ଣ ହେବ ?" [୨]

ମାନବିକତାର ଚରମ ସୋପାନରେ ଗୋପୀବାବୁ ଦଣ୍ଡାୟମାନ ହୋଇ କେବଳ ଗୋଟିଏ ଗୋଟିଏ ମଣିଷର ରୂପ ପାଠକମାନଙ୍କ ଆଗରେ ବାଢ଼ିଛନ୍ତି । ବହିରଙ୍ଗ (objective) ଓ ଅନ୍ତରଙ୍ଗ (subjective) ପରିପ୍ରକାଶ କରି ପୁରୁଷର ସମାଜସ୍ଥିତ ସ୍ଥାନ ନିର୍ଣ୍ଣୟ କରିବାପାଇଁ ଗୋପୀବାବୁ ବ୍ୟାକୁଳ ହୋଇ ପଡ଼ିଛନ୍ତି । ସରକୁ ସାଓଁତାର ନାମକରଣ ଦ୍ୱାରା ଓ ପ୍ରଥମ ପରିଚୟରେ ପାଠକ ପ୍ରାଣରେ ଯେଉଁ ଅପୂରନ୍ତ ଭକ୍ତି ପ୍ରବାହିତ ହୁଏ ତାହା ଯେମିତି ଚିରନ୍ତନ ସେହିକି ପରିମାଣରେ ସତ୍ୟ । ତାର ଭିତରେ ମଣିଷ ଉପସ୍ଥିତି ପୂର୍ଣ୍ଣ ଦେଖେ--ଜୀବନରେ ଆନନ୍ଦ ପାଏ, ଯୋଗକରେ । ଯୋଗରେ ଆନନ୍ଦର ରୂପ ଦେଖେ କିନ୍ତୁ ଆଧୁନିକତାର ଅସଂଯମ ଓ ଉଚ୍ଛୃଙ୍ଖଳତା (ବିଜଉ ସାଓଁତା) ମଣିଷକୁ ସଂକ୍ରମଣ କରିଛି ଯାହା ବଣର ବାଘ, ଭାଲୁ, ସାପ, ବିଛାଠାରୁ ମଧ୍ୟ ଅଧିକ ମାରାତ୍ମକ ।

ଲେଖକଙ୍କ ସମଗ୍ର ସ୍ନେହ ଓ ଶ୍ରଦ୍ଧାରେ ରୂପାୟିତ ମାଟିମଟାଳର ନାୟକ ରବିକୁ ଚିତ୍ରଣ କଲାବେଳେ ଔପନ୍ୟାସିକ ଯଥେଷ୍ଟ ସଂଯମ ଓ ସତର୍କତା ଅବଲମ୍ବନ କରିଛନ୍ତି । ରବି ମନର ଅନ୍ତଃପ୍ରେରଣା (motivation) ସବୁକୁ ରୂପାୟିତ କଲାବେଳେ ଛୋଟ ଛୋଟ ସରଳ ବାକ୍ୟ ମଧ୍ୟରେ ତାର ଚେତନ ଓ ଅଚେତନ ଅନ୍ତର୍ଦ୍ୱନ୍ଦ୍ୱ (internal conflict), ଅନ୍ତର୍ବାଦ (interior monologue) ମନୋବିଶ୍ଳେଷଣ psychoanalysis, ମୁକ୍ତ ଆସଙ୍ଗ, ପ୍ରତିବୋଧକତା ଆଦି ସୁନ୍ଦର ଭାବରେ ଉପସ୍ଥାପିତ କରାଯାଇଛି ।

---

(୨୦) ମାଟିମଟାଳ—ଗୋପୀନାଥ ମହାନ୍ତି, ପ୍ରଥମ ସଂ. ପୃ ୨୩୯

ସାମ୍ପ୍ରତିକ କାଳର ଯୁଗୀୟ ଚେତନାରେ ଉଦ୍‌ବୁଦ୍ଧ ହୋଇ ଲୟବିଲୟ ଉପନ୍ୟାସରେ ନାୟକ ତରୁଣ ବସୁଙ୍କ ସ୍ୱପ୍ନ ବିଶ୍ଳେଷଣ **(dream analysis)**, ସ୍ୱପ୍ନ ସଘଟନ **(dream mechanism)** ଓ ନିରାଧାର ପ୍ରତ୍ୟକ୍ଷୀକରଣ ବିଶ୍ଳେଷଣ **(hallucination analysis)** ଆଦି ବିଶେଷ ଉଲ୍ଲେଖଯୋଗ୍ୟ । ଏ ଦିଗରୁ ଲେଖକଙ୍କ ସୃଷ୍ଟ ଜଗତ ସୁଦୂରପ୍ରସାରୀ ହୋଇ ପାରିଛନ୍ତି ।

ଉପନ୍ୟାସ ମାନବ ଜୀବନର ଏକ ସ୍ପଷ୍ଟ ପ୍ରତିଫଳନ । ତେଣୁ କେବଳ ନାୟକ, ନାୟିକା ଅଥବା ପ୍ରତିନାୟକ ପ୍ରତିନାୟିକାଙ୍କୁ ନେଇ ଉପନ୍ୟାସର କଳେବର ବୃଦ୍ଧି କରାଯାଇ ପାରେନା । ସମାଜ ଯେମିତି କେତେକ ବ୍ୟକ୍ତିଙ୍କୁ ନେଇ ଗୋଷ୍ଠୀରେ ପରିଣତ ହୁଏ ସେହିପରି ଉପନ୍ୟାସରେ ମଧ୍ୟ ବହୁ ଗୌଣ ଚରିତ୍ରର ଅବତାରଣା କରାଯାଇଥାଏ ଓ ଏମାନେ ମୁଖ୍ୟ ଚରିତ୍ରକୁ ବିକଶିତ କରିବାରେ ଯଥେଷ୍ଟ ସହାୟତା କରିଥାନ୍ତି । ଗୋପୀନାଥଙ୍କ ଉପନ୍ୟାସରେ ଏଇ ଗୌଣ ଚରିତ୍ର ସବୁ ଆପଣା ଆପଣା ସ୍ୱକୀୟ ମହିମ୍ନମୟତାରେ ଯେପରି ବୁଦ୍ଧିମନ୍ତ ଓ ଶ୍ରୀମନ୍ତ ସେପରି କାହାଣୀର ଅଗ୍ରସରତା ଓ ବିକାଶଶୀଳତାରେ ଯଥେଷ୍ଟ ସହାୟତା କରିଛନ୍ତି । ଅମୃତ ପୁତ୍ରକୁ ଅମୃତର ସନ୍ତାନରେ ଅନୁସନ୍ଧାନ କରିବାକୁ ହେଲେ ଲେଞ୍ଜା, ବେଣୁ, ଦେବଜୁଣୀ ଅଥବା ଡସାଙ୍ଗକୁ ଉପେକ୍ଷା କରି ହୁଏ ନାଇ । ଠିକ୍ ସେଇପରି ଜୀବନ ମହାନ୍ତି, ଚୂନିଲାଲ, ଛନ୍ଦା, ଶୁଭ୍ରା (ସପନମାଟି) ଇରା, ନିତମ୍ବିନୀ, ମୃଣ୍ମୟୀ, ଢିନଆଁ, ଉଦୟ, ସମୀର, ବିଭୂତିଭୂଷଣ (ଗହ୍ୱର ଗୁମ୍ଫା) ରଙ୍ଗ, ଟଗ୍ରା, କଜଳମଣି, ଧନବୁଢ଼ା, ସୁର, ଅଜୟ, ଇନ୍ଦ୍ରଜିତ, ନିରୁପମା, ସଦାନନ୍ଦ (ହରିଜନ) କାନ୍ଦୋଣ୍ଡ, ବାଗ୍ମା, ନନ୍ଦବାଲି (ପରଜା), ଛବି, ମାଳା, କମଳନୟନ, ମଞ୍ଜୁଲିକା, କାଞ୍ଚନମାଳା (ମନଗହୀରର ଚାଷ) ବଧୂ,

ନଷ୍ଟ, ମଡନଓ୍ୱାଖା, ନର୍ମିଳା, ଲୁଚନ, ସାବିତ୍ରୀ, ପରଶୁ, ଗୋଲକ ସାହୁ, ଖଡୁ ସୋରେଁ (ଚନ୍ଦ୍ରିକାର) ପ୍ରଭୃତି ସବୁ ସେଇ ବୀଣାର ଗୋଟିଏ ଗୋଟିଏ ତାର ଏବଂ ଏସବୁର ସମନ୍ୱୟରେ ବୀଣାର ସ୍ୱର ଝଂକୃତ ହୋଇଛି । ଗୋପୀବାବୁ ଏଇସବୁ ଚରିତ୍ର ଗୋଟାଇଲାବେଳେ ଧନୀଠାରୁ ଗରିବ ପର୍ଯ୍ୟନ୍ତ ଓ ଉଚ୍ଚଠାରୁ ନୀଚ ପର୍ଯ୍ୟନ୍ତ ସବୁ ସ୍ତର ପ୍ରତି ବିଶେଷ ଦୃଷ୍ଟି ଦେଇଥିଲା ଭଳି ମନେହୁଏ ।

ଗୌଣ ଚରିତ୍ର, ମୁଖ୍ୟ ଚରିତ୍ର ଅପେକ୍ଷା ପାଠକମାନଙ୍କ ସହିତ କମାସମ୍ବନ୍ଧ ରକ୍ଷା କରିଥିଲେହେଁ ଏମାନଙ୍କ ଅପେକ୍ଷିତ ... ଏକାନ୍ତ କାମ୍ୟ; କାରଣ ଏମାନେ କୌଣସି ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ନେଇ ଉପନ୍ୟାସ ସବୁରେ ସମାବେଶ ହୁଅନ୍ତି ଓ ଅତ୍ୟନ୍ତ ଗୋପନ ଭାବରେ ପାଠକ ମନରୁ ବିଦାୟ ନିଅନ୍ତି । ଗୋପୀନାଥ ଏ ଦିଗରେ ଯଥେଷ୍ଟ ସଫଳତା ରକ୍ଷା କରିପାରିଛନ୍ତି ।

**ଗୋପୀନାଥଙ୍କ ଉପନ୍ୟାସରେ ପ୍ରେମ—**

ସମଗ୍ର ଉପନ୍ୟାସ ସାହିତ୍ୟରେ ପ୍ରେମ ଏକ ବିଶିଷ୍ଟ ସ୍ଥାନ ଦଖଲ କରିଛି – ଉପନ୍ୟାସରେ ଏଇ ଦିଗଟି ପ୍ରତି ବିଶେଷ ଦୃଷ୍ଟି ଦିଆଯାଇଥିବାରୁ ଫରାସୀ ସମାଲୋଚକ ସାଁତ୍ ବ୍ୟୁଭଙ୍କ ବାଣୀ, 'ଉପନ୍ୟାସ ଦିନେ ସମଗ୍ର ସାହିତ୍ୟ-ରାଜ୍ୟର ଦଖଲ କରିନେବ' ଆଜି ସତ୍ୟରେ ପରିଣତ ହୋଇଛି । ମନୁଷ୍ୟର କେତେଟି ପ୍ରାଥମିକ ପ୍ରବୃତ୍ତି ମଧ୍ୟରୁ ଏହା ଏକ ପ୍ରଧାନ ପ୍ରବୃତ୍ତି ହୋଇଥିବାରୁ ବୋଧହୁଏ ଶିଳ୍ପୀକୁଳ ଏହାକୁ ଉପେକ୍ଷା କରି ପାରିନାହାନ୍ତି; କାରଣ ଉପନ୍ୟାସ ମାନବ ଜୀବନର ଏକ ନିଚ୍ଛକ ପ୍ରତିଛବି । ଉପନ୍ୟାସ ମଧ୍ୟରେ ଏଇ ଭାବ ବିଶେଷ ଭାବରେ ଚିତ୍ରିତ ହୋଇଥିବାରୁ ସାହିତ୍ୟ ଦରବାରରେ ଏହାକୁ ସ୍ୱୀକୃତି ଦେବା ଅତ୍ୟନ୍ତ ଅନାୟାସସାଧ୍ୟ ହୋଇପଡ଼ିଥିଲା ।

ସେଥିପାଇଁ ଦୀର୍ଘଦିନ ଧରି ଏହା କେବଳ ସ୍ତ୍ରୀମାନଙ୍କ ପଠନଯୋଗ୍ୟ ପୁସ୍ତକ ଭାବେ ବିବେଚିତ ହୋଇ ରହିଥିଲା ଏବଂ ସରଳମତି ବାଳକବାଳିକାମାନେ ଏହାକୁ ପାଠ କଲେ ଯୌନସିକ ବିଶୃଙ୍ଖଳତା ଦେଖାଦେବ ବୋଲି ଅପାଂକ୍ତେୟ ହୋଇ ରହିଥିଲା । ଆଜି ସେ ସମ୍ଭାବନା ଆଉ ନାହିଁ—ଯୁଗରୁଚି ଅନୁସାରେ ଅବସ୍ଥା ସମ୍ପୂର୍ଣ୍ଣଭାବେ ପରିବର୍ତ୍ତିତ ହୋଇଯାଇଛି । ସଂପ୍ରତି ପ୍ରେମ ଓ ତଜ୍ଜନିତ ନାୟକ ନାୟିକାମାନଙ୍କର ବିଭିନ୍ନ ଚିନ୍ତା ଅନୁଚିନ୍ତା ହିଁ ଉପନ୍ୟାସର ପ୍ରଧାନ ଉପଜୀବ୍ୟ ବିଷୟ ।

ଓଡ଼ିଆ ଉପନ୍ୟାସ ଜଗତରେ ନାୟକ ନାୟିକାଙ୍କ ପ୍ରେମର ବିଭିନ୍ନ ଦିଗ ପ୍ରତି ଆଲୋକପାତ କରି ବିଭିନ୍ନ ଔପନ୍ୟାସିକ ବହୁ ଉପନ୍ୟାସ ରଚନା କରିଥିଲେ ହେଁ ଗୋପୀନାଥ ପ୍ରେମକୁ ଏକ ସ୍ୱତନ୍ତ୍ର ଦୃଷ୍ଟିକୋଣରୁ ପର୍ଯ୍ୟାଲୋଚନା କରିଛନ୍ତି । ତାଙ୍କ ମତରେ ପ୍ରେମ ସ୍ଥଳେ ସ୍ଥଳେ ଅସାଧାରଣ ମନୋବିକାର ହୋଇପାରେ—ଅମୃତର ସନ୍ତାନ ଉପନ୍ୟାସରେ ଲେଞ୍ଜୁ, ସୋନାଦେଈ, ବେଙ୍କୁଣୀ ବୁଢ଼ୀ ଓ ଧଉଡ଼ୁ ସାଉଡାଙ୍କ ଯୌନସିକ ଅଭିବ୍ୟକ୍ତି ମଧ୍ୟରେ ଏକଥା ସୁସ୍ପଷ୍ଟ । ଲେଞ୍ଜୁ ସ୍ତ୍ରୀକୁ ବାଦ ଖାଇଲା ଯୌବନର ପ୍ରଥମ ପର୍ଯ୍ୟାୟରେ । ଦୀର୍ଘଦିନ ଧରି ଏକାକୀ ହୋଇ ପିଲାଟିଏ ଧରି ସେ ଜୀବନ ଅତିବାହିତ କରିଛି ମାତ୍ର ବଡ଼ ଝିଅର ମୃତ୍ୟୁ ପରେ ତା'ର ମାନସିକ ଚିନ୍ତାର ଦୃଢ଼ ସଂଯମର ବନ୍ଧ ଭାଙ୍ଗି ଉଦ୍ଦାମ ହୋଇପଡ଼ିଛି । ଏକ ଦିଗରେ ତା'ର ଅପୂର୍ଣ୍ଣ ଲାଳସା, ଅନ୍ୟ ଦିଗରେ ବୟସର ଆଧିକ୍ୟ ହେତୁ କାମ ପ୍ରବୃତ୍ତି ଚରିତାର୍ଥ କରିବାର ଅସମ୍ଭବତା ତାକୁ ପରିସ୍ଥିତିର କ୍ରୀଡ଼ାପୁତ୍ତଳି କରିଛି । ଫୁଲକମ ସୋନାଦେଈ ନପୁଂସକ ବାଳମୁଣ୍ଡାକୁ ବିବାହ କରି ଏଇ କାମପ୍ରବୃତ୍ତି ଚରିତାର୍ଥ କରିବା ନିମିତ୍ତ ଅନ୍ୟର ଆଶ୍ରୟ ଲୋଡ଼ିଲାବେଳେ ଥୁଣ୍ଟା ଲଣ୍ଡା ଜୀବନ ନେଇ ଆଗେଇ ଆସିଛି ଲେଞ୍ଜୁ ।

ଆଜି ଏକ ଅସାଧାରଣ ପ୍ରେମର ପ୍ରତୀକ ବେଜୁଣୀ ବୁଢ଼ୀ — ସେ ଭବିଷ୍ୟତ କଥା କହେ, ଗାଁରେ ପୂଜାପାର୍ବଣ କରାଏ, ନିସ୍ତୁଟିଆ ରହେ, ଲୋକେ ତାକୁ ଡରନ୍ତି । ଭାବନ୍ତି ଯେ ସେ ସାପ ପୋଷେ, ଭଲୁଆଙ୍କ ସଙ୍ଗେ କଥା କହେ । ପ୍ରେମର ନିରାଶା ତାକୁ ଶୁଷ୍କ କରିଦେଇଛି, ସଂସାର ପ୍ରତି ବିମୁଖ କରାଇଛି । ପ୍ରଥମ ଯୌବନରେ ସେ ସରିବୁକୁ ଭଲ ପାଉଥିଲା, ସରିବୁ ତାକୁ ଫିଙ୍ଗିଦେବାରୁ ସେ ଆଜି ବିବାହ କରିନାହିଁ । ଯେଉଁ କାମନାକୁ ସେ ପ୍ରଶମିତ କରିଛି ସେ କାମନା ତାର ଫୁଟି ଉଠିଛି ଆଧ୍ୟାତ୍ମିକ ରାଜ୍ୟରେ ।

ପୁଣି ଦଇତ୍ରି ଧାଉଁତା ପଶୁ ପ୍ରେମର ଅଧିକାରୀ—ତେଣୁ ପୁଷ୍ପୁର ନିର୍ମଳ ପ୍ରେମରେ ସେ ସନ୍ତୋଷ ଲଭ ନକରି ପିଓଟିର ଶରଣ ନେଲା । ଏହିଭଳି ସାଧାରଣ ଭିତରେ ଅସାଧାରଣ ପ୍ରେମ ଲେଖକ ଦର୍ଶାଇଛନ୍ତି । ପ୍ରେମ ଯେଉଁଠି ସାଧାରଣ ସହଜବୃତ୍ତିପୂର୍ଣ୍ଣ ବ୍ରହ୍ମଚର୍ଯ୍ୟ ନୁହେଁ କିମ୍ବା ପ୍ରେମରେ କାମୁକତାର ଉଦ୍ଦୀପନା ନାହିଁ ସେଠି ପୁଷ୍ପୁ ଏକ ଆଦର୍ଶ ଲଳନା । ତା ପାଇଁ ଜୀବନର ଏକମାତ୍ର ଲକ୍ଷ୍ୟ ପ୍ରେମରେ ଆତ୍ମସମର୍ପଣ ।

ଲେଖକ ପ୍ରେମ ମଧ୍ୟରେ ଶାଳୀନତା ଓ ସଂଯମତା ରକ୍ଷା କରିବା ପାଇଁ ଯତ୍ପରୋନାସ୍ତି ଚେଷ୍ଟା କରିଥିଲେ ହେଁ ପ୍ରେମଜନିତ ନାରୀ ମନର ଅବ୍ୟକ୍ତ ବେଦନାକୁ ଅତି ସୁନ୍ଦରଭାବେ ରୂପାୟିତ କରିଛନ୍ତି । ମାନମୟୀ (ହରିଜନ) ଏକୁଟିଆ ଥିଲାବେଳେ, "କୌଣସି ଛଟକରେ ଯେତେବେଳେ ଆଙ୍ଗୁଠିରେ ଆଙ୍ଗୁଠି ଛୁଇଁ ହୋଇଯାଏ, ରୁହଁକନା ଲାଗେ ମୁହଁ ଟେକି ଅନେଇଲେ ଝଟେ ଯୁଝ ଆଜି ପ୍ରକାରେ କେମିତି । କେତେବେଳେ

ହଠାତ୍ ସେ ନଅଁଳ ହୋଇଯାଏ ତା'ର କଥାବାର୍ତ୍ତାରେ ନଶା ଘଣ୍ଟେ, ରକ୍ତ ଓଠ ଥରୁଛି । ମୁହଁ ଉପରେ ରୁଦ୍ଧହେଲା ତୋଫାନର ସସମ୍, ନିଶ୍ୱାସର ବେଗ । ମାନମୟୀ ତା'ର ଦୁଇ ଆଖିରେ ଖୁବ ଘୂରେଇ ଚୁହେଁ । ଇଚ୍ଛା ହୁଏ, ଏମିତି ଧରି ରଖିଥିବ ଆଖିଏ ଆଖିଏ । ସୁର ଏକ୍ସପର୍ଟ ଧୂଳିଥାନ୍ତା ସେ ତାର ମନଇଚ୍ଛା ଥରେ ଥରେ ସାନକଣ୍ଠାରେ ତାକୁ ଫୋଡ଼ି ଦେଉଥାନ୍ତା । ଫମ୍ପା ବେଲୁନ ପରି ତେଣା ହୋଇ ତାହାରି ଗୋଡ଼ତଳେ ଭୂଇଁରେ ଲେଟିପଡ଼ନ୍ତା ସେ । ତା ପରେ ଆପଣାର ଅଳତାବୋଳା ସରୁ ଗୋଡଟି ଅଳଗେ ଉଠାନ୍ତା, ଥିର କରି ଚୁପିଦଅନ୍ତା ! ଚିରଦିନ ତାର କରି ବା... ରଖିଥାନ୍ତା । କଳା ବୁଢ଼ିଆଣୀର କ୍ଷୁଧାରେ ଆଖିରେ ଝକମକ ମା..., ଉଦ୍ୟତ ହୋଇ, ବାରମ୍ବାର ସେ ଗୁହାଁ ରହେ ।"[୨୧] ମାନମୟୀ ଶିକ୍ଷିତା, ଆଭିଜାତ୍ୟର ପରଦା ତଳେ ରକ୍ତ ମୁକ୍ତ ଭ୍ରଣସ୍ତର ଆଭାସ ଦେଇଛି କି... ଦାଦିଆମାନ କାଳର ଯେଉଁ ପୁରୁଣା ବୁନିଆଦ ତାର ଆବରଣ ଖୋଲି ସେ ପଦାକୁ ଆସିବାକୁ ସାହସ କରିପାରି ନାହିଁ ।

ଅପର ପକ୍ଷେ ହଣ୍ଟି (ସହରର ସ୍ଥପ୍ନା)କୁ ଲେଖକ ସମାଜର ପ୍ରତ୍ୟେକ ଗଳିକନ୍ଦରେ ବୁଲାଇ ଏକ ବୀଭତ୍ସ ପରିବେଶ ସୃଷ୍ଟି କରିଛନ୍ତି । ସଣ୍ଟି ଜୀବନରେ ପ୍ରେମ କରିନାହିଁ, ଗୋଟେଇଛି ବହୁତ, ଫୋପାଡ଼ିଛି ବହୁତ, କିଛି ସାଇତି ରଖିପାର ନାହିଁ । ପ୍ରେମର ମନ୍ଦ ...ଲାଳ ତା'ର କଣ୍ଟାଗ୍ରା ପ୍ରାଣକୁ ଅଭିଭୂତ କରିପାରି ନାହିଁ, ...ନାଙ୍କୀ ପ୍ରସ୍ଫୁଟିତ ହେବା ପୂର୍ବରୁ କୀଟଦଂଷ୍ଟ୍ର ହୋଇଯାଇଛି । ଅଜାଣତରେ ହତାଶା, ଶିଥିଳତା, କଳଙ୍କ ଓ ପରତାପର ବୋଝରେ ସେ ଅଣନିଶ୍ୱାସୀ ହୋଇପଡ଼ିଛି । ପ୍ରୀତିର ସ୍ୱର୍ଗୀୟ ସୁଷମା

---

(୨୧) ହରିଜନ—ଅଭିନବ ସଂସ୍କରଣ, ପୃଷ୍ଠା ୫୦

ସ୍ୱସ୍ତି ଲାଭ କରିପାରି ନାହିଁ ବରଂ ଦୈହିକ କାମନା ତା ମନରେ ଈର୍ଷା, ହୀନମନ୍ୟତା ଓ ସ୍ଖଳନ ପ୍ରବୃତ୍ତିକୁ କ୍ରମଶଃ ଦ୍ୱିଗୁଣିତ କରିଛି ।

ଆଧୁନିକ ଯୁଗର ଏଇ ମରୁ ସମାଜ—ଯେଉଁଠି ଜୀବନ ଖାଲି ବିଫଳତାସର୍ବସ୍ୱ, ଜୀବନୀଶକ୍ତି ଜୀର୍ଣ୍ଣଶୀର୍ଣ୍ଣ, ପ୍ରେମ ଏକ ଦୁର୍ବଳ ବାସନା ଓ ଅର୍ଥବିହୀନ, ଶିଳ୍ପୀ ସେଠାରେ ଏକ ଫଟୋଗ୍ରାଫର । ଆଧୁନିକତାର ଖୋଳପା ଭିତରେ ସଢେଇ ହୋଇ ସବୁଜ ପତ୍ର ସାଜି ଜୀବନର ଗ୍ରୀନରୁମରେ ଅନୁପ୍ରାଣିତ ହେବାକୁ ମଣିଷ ଆଜି ବିଶେଷ ଭାବେ ବ୍ୟାକୁଳ । ଖଣ୍ଡ ଖଣ୍ଡ ଭସା ଭସା ସ୍ୱପ୍ନକୁ ଏକାଠି କରି ଜାବୁଡ଼ି ଧରିବା ପାଇଁ ଆଗେଇ ଆସିଲାବେଳେ ପୁରୁଣା କାଳର ସେଇ ମସିଆ କୋଠଟ ଐତିହ୍ୟ ଓ ସଂସ୍କୃତିଜନିତ ଚିନ୍ତାଧାରା ଦୂରେଇ ଯାଇଛି । ଦାନାପାଣି ଯୁଗରେ ଅନ୍ୟମାନଙ୍କ ଅପେକ୍ଷା ସର୍ବୋତ୍କୃଷ୍ଟ ଓ ପ୍ରଥମ ହେବାକୁ ଚାଲି ସରୋଜିନୀ (ଦାନାପାଣି) ଗର୍ଭବତୀ ହୋଇଛି । କାହାର ଔରସରୁ ଏ ସନ୍ତାନ (ରଣଜିତ୍ ବାବୁ ! ମିଃ ଶର୍ମା ?); ତଥାପି ସେ ଭ୍ରୂକ୍ଷେପ ନକରି ଆଗେଇ ଯାଇଛି ଆଧୁନିକା ହେବାପାଇଁ । "ସେପଟେ ଲୋକ ମୁହେଁ ଲାଜ । କିନ୍ତୁ ଛୁଆପିଲା ହେଲେ ଆଉ ଚେହେରା ରଖିପାରିବ ନାହିଁ କି ଏମିତି ପିଲାପରି ମନ ରହିବ ନାହିଁ ଜାଣିଥା । ହେଲାବେଳେ ହେବ ଯାହା ହେବାର, ସେ ପର୍ଯ୍ୟନ୍ତ ଝଟକୁଥାଅ ।" ’’

ଗୋପୀବାବୁଙ୍କର ଏଇ ଆଧୁନିକତାର ମୋହ ସଂପୂର୍ଣ୍ଣ ଭାବେ କଟିଯାଇଛି ପରବର୍ତ୍ତୀ ପର୍ଯ୍ୟାୟରେ । ସମାଜରେ ନାରୀ ଓ ପୁରୁଷର ସମ୍ପର୍କକୁ ସେ ଏକ ଭିନ୍ନ ଦୃଷ୍ଟିରେ ସନ୍ଦର୍ଶନ କରିଛନ୍ତି,

---

(୨୨) ଦାନାପାଣି—ପ୍ରଥମ ସଂସ୍କରଣ, ପୃ ୨୭୮

ଲୟବିଲୟ ଓ ମାଟିମଟାଳ ଉପନ୍ୟାସରେ । ଅବଶ୍ୟ ଦୀର୍ଘଦିନର ଶ୍ରମ, ସାଧନା, ଶିଳ୍ପୀ ମାନସର ସମସ୍ତ କଳ୍ପନା ଜଳ୍ପନା, ଯାହା ଏ ଯାଏଁ ଗେଣ୍ଡା ପରି ଘୁଷୁରି ଘୁଷୁରି ଆସି ୧୯୬୪ରେ ମାଟିମଟାଳରେ ପହଞ୍ଚିଛି ତାହା ଯେ ଲେଖକଙ୍କ ମୁଖ୍ୟ ସ୍ୱର ଏହା ସହଜରେ ଜାଣିହୁଏ । ଛଳନା ଓ ଅରୁଣ, ସାମନ୍ତସିଂହାର ଏ ଦେଶର ମାଟି ପବନରେ ପରିବର୍ଦ୍ଧିତ ଦୁଇଟି ଜୀବ । ଜଣଙ୍କର ବଳିଷ୍ଠକାୟ ତେଜୋଦୀପ୍ତ ପୌରୁଷ ନିକଟରେ ଅନ୍ୟ ଏକ ଲଜକୁଳି ଲତା ଲଜ୍ଜା ଓ ସଂଭ୍ରମରେ ଗୁଡ଼େଇ ତୁଡ଼େଇ ହୋଇଛି । ଏକ ଅପରିଚିତ ବ୍ୟକ୍ତି ନିକଟରେ ଅଜାଣତରେ ଜନ୍ମିଥିବା ଅନୁଭୂତିକୁ ତଡ଼ିଦେବାକୁ ଛଳନା ଶତବାର ଚେଷ୍ଟା କରି ମଧ୍ୟ ପାରିନି । ଶେଷରେ ସୃଷ୍ଟି କରିଛି ହତାଶାର ଏକ କରୁଣ ରାଗିଣୀ । ମାନବ ସ୍ମୃତିସିକ୍ତ ମିଳନ ମଧ୍ୟରେ ବିଫଳତାର ଏକ ଇମୋସନାଲ ଟ୍ରାଜେଡ଼ି ହୋଇଛି ଛଳନା ।[୨୩] ସୁଖର ବେଳାଭୂମିରେ କୋଣାର୍କର ଅଳସ କନ୍ୟା ଭଳି ସେ ଠିଆ ହୋଇଛି ଜଣକର ପ୍ରତୀକ୍ଷାରେ । ଶେଷରେ ଅବହେଳିତା ହୋଇଛି, ଉପେକ୍ଷିତା ହୋଇଛି । ଅନ୍ତଃ ନିରାସକ୍ତ, ନିସ୍ପୃହ ଚେତନା ଭିତରେ କେବଳ ଏଇ ଅଳସ କନ୍ୟାର ବିଭିନ୍ନ ଅଙ୍ଗଭଙ୍ଗୀ, ଅପରୂପ ରୂପଲାବଣ୍ୟ ସିଏ ଉପଭୋଗ କରିଛି । ଏହାହିଁ ଥିଲା ଗୋପୀବାବୁଙ୍କ ପ୍ରେମ ଚିତ୍ରଣରେ ଅନ୍ତର୍ମୁଖୀ ମନୋଭାବ, ଯାହା ମାଟିମଟାଳରେ ଆହୁରି ସୁଦୃଢ଼ ହୋଇଛି ରବି ଓ ଛବିର ପ୍ରେମ ବର୍ଣ୍ଣନାରେ ।

ଛବିର ପ୍ରେମ ଧ୍ରୁବତାରା ପରି ଉଜ୍ଜ୍ୱଳ, ମହିମ୍ନମୟ । ରବି ଓ ଛବିର ପ୍ରଥମ ସାକ୍ଷାତ ଅତି ଅପ୍ରତ୍ୟାଶିତ ଓ ଆକସ୍ମିକ

---

(୨୩) ଓଡ଼ିଆ ଉପନ୍ୟାସର ପରିଚୟ — ସଂ. ପଠାଣି ପଟ୍ଟନାୟକ, ଭୋଳାନାଥ ରାଉତ, ପୃଷ୍ଠା ୪୧୭

ଭାବରେ । କାଳିଦାସଙ୍କ ଦୁଷ୍ମନ୍ତ ଶକୁନ୍ତଳାଙ୍କର ସମ୍ମେଳନ ସଦୃଶ ପାଣ୍ଡମାଙ୍କଡ଼ଙ୍କ ଉପଦ୍ରବରୁ ଛବକୁ ରକ୍ଷା କରିବାକୁ ଯାଇ ଉଡ଼ ଲୁଗାରୁ ପୁଳାଏ ବାନ୍ଧିଦେଇଛନ୍ତି ଛବର ଗ୍ରୋଡ ଆଙ୍ଗୁଠିରେ । ସେ ତାକୁ ଦେଖିଲେ, "ମୁର୍ଦ୍ଧମାନଙ୍କ ସେହି ମଣିଷର ସ୍ପୃଷ୍ଟ ଠିଆହୋଇ ଉଠେ, ଛବ ଉଠି ଉଠି ତା'ର ମୁହଁକୁ ଆଖିକୁ ଛୁଟେଁ, ସଁ ସଂ ହୋଇ ଆପଣା ନିଶ୍ବାସର ଟୋପାନ ଆରମ୍ଭ ହୋଇ ସ୍ନାୟୁ ଭିତରେ ଜୁଆରର ଚହଲ ଖେଳି ଉଠୁ ଉଠୁ ମନେ ପଡ଼ିଯାଏ.............।" ୨୪ ଅପର ପକ୍ଷେ ଉଡ଼ ଛୁଲକାଏ ସ୍ୱପ୍ନ, କାଣିଗୁଏ ସ୍ନେହ ନେଇ ଫେରିଆସି କିଂକର୍ତ୍ତବ୍ୟବିମୂଢ଼ ହୋଇ ଠିଆ ହୋଇଛି, ଆଗକୁ ପାଦ ବଢ଼ାଇପାରୁନି, ପଛରୁ ଜଣେ କେଉଁ ମନପବନ ଘୋଡ଼ାକୁ ଲଗାମରେ ଟାଣି ଦେଇଛି । "ଯେପରି ହଠାତ୍ କାହାର ବାଟ୍ନା ବିଡ଼ାରୁ ବାଟ୍ନା ଆସି ବାଜିଛି ତାର ମନଗହ୍ୱରରେ, ସେଇଠି ସେ ଲଗିଯାଇଛି । କେବଳ ମନ ନୁହେଁ ଦେହର ସ୍ନାୟୁ ଭିତରେ ବାରମ୍ବାର ଚମକ ଆଉ ଚହଲ, କେବଳ ନୁହେଁ ମୁଣ୍ଡ ଝାଇଁ ଝାଇଁ ଉଷୁମ ମନ, ମନେ ମନେ କେଉଁ ଅଧଜୁଆଁ ଗୁଣୁ ଗୁଣୁ ସଙ୍ଗୀତର ଅସ୍ପଷ୍ଟ ବାଣୀ, ଗ୍ଲୁତର ଦପ ଦପ, କେବଳ ଏକ ଅଜଣା ମହକ ନୁହେଁ । ସେ ଅନୁଭବ କରୁଥିଲା ଏ ଆପଣା ଚେତନା ତଳେ ତଳେ କପରି ଏକପ୍ରକାର ଗୁରୁ ଗୁରୁ ଜ୍ୱାଳା, ପୁଣି ତହିଁରେ କପରି ଏକପ୍ରକାର ଅଚିହ୍ନ ସୁଖ ଅନୁଭୂତି ଆଉ ପ୍ରବଳ କାମାକାଙ୍କ୍ଷା ଶକ୍ତି । ଉଦ୍ଦାମ ତାପମୟ ଶକ୍ତିରେ ହଠାତ୍ ଯେପରିକି ସେ ରୂପାନ୍ତରିତ ହୋଇଯାଇଛି, ଯେପରିକି ଗଢ଼ିବାକୁ କି ଭାଙ୍ଗିବାକୁ ତା ଭିତରେ ଏକ ପ୍ରବଳ ଝଞ୍ଜା, ଅଥଚ ସେହି ଝଞ୍ଜାର ମୂଳକେନ୍ଦ୍ର, ଏକ ଶାନ୍ତ ଅଳସ

---

(୨୪) ମାଟିମଟାଳ— ୧ମ ସଂସ୍କରଣ, ପୃ ୧୧୧

ସ୍ୱପ୍ନିଳ ସୁଖଲିପ୍ସା । ଆଗଣା ପ୍ରାନ୍ତ ତାଠି ଥିଲା ଉପସ୍ଥିତ ପ୍ରଶ୍ନ— ଟଳଟଳ ଅନିର୍ଦ୍ଦିଷ୍ଟ ଭଙ୍ଗୀ, ସେ ନିଜେ ଆଶ୍ଚର୍ଯ୍ୟ ହେଉଥିଲା, କିନ୍ତୁ ଆଶ୍ଚର୍ଯ୍ୟ ହେବାକୁ ବି ସ୍ଥିର ନ ହେଉଣୁ ସୁଅ ତୋଡ଼ରେ ଉଡ଼ି ହୋଇ ଚାଲିଯାଉଥିଲା ଅଣାୟତ୍ତ ସ୍ପନ୍ଦନ ଅନୁଭୂତିରେ ମୁଣ୍ଡ ଘୂରି ହୋଇ ।”[୨୪] ଉଭୟଙ୍କର ଏହି ଅନୁଭୂତି ପୂର୍ଣ୍ଣତାରେ ପରିଣତ ହୋଇଛି ଭୁବନେଶ୍ୱରଙ୍କ ମନ୍ଦିର ନିକଟରେ । ସେମାନଙ୍କର ଏଇ ସାକ୍ଷାତ, “ସତେ କି ସେହି ଦେଉଳ ପଥରୁ ଉଠି ଆସିଥିବା ମୂର୍ତ୍ତି ଯୋଡ଼ିଏ, ଜହ୍ନ ଆଲୁଅ ଓ ଗଛର ଛାଇ ସରିସରି ଛୋପା ଛୋପା ହୋଇ ଛନ୍ଦ କରି ସେମାନଙ୍କୁ ନୂଆ ରୂପ ଦେଇଛି, କିନ୍ତୁ କେହି କାହାର ଆକୃତିଂକ ଅବୟବ ଦେଖିପାରୁ ନାହିଁ, ଦୁଇଟି ପ୍ରାଣ ସାନ୍ନିଧ୍ୟ ଅନୁଭବ କରୁଛି, ଦୁଇଟି ଭାବରୂପ ଛାଇପରି ହୋଇ କିଛି କିଛି ପରସ୍ପର ଆବୋରି ନେଇ ତାଙ୍କୁ ପାଖ ଅନ୍ଧି ଭରୁଛି, ପରସ୍ପର ଆଡ଼କୁ ମୋହିଁ ଭରୁଛି ଯୋଡ଼ିଏ ଇତିହାସ, ମଣିଷର ଯୋଗସୂତ୍ର ଆଖିଦୃଷ୍ଟିଣା ନୁହେଁ ।”[୨୫] ସେମାନଙ୍କ ପ୍ରେମରେ ଉନ୍ମତ୍ତତା ନାହିଁ, ଦୈହିକ ଆକର୍ଷଣ ନାହିଁ—ଏ ପ୍ରେମ ବୌଦ୍ଧିକ ପ୍ରେମ । ଗୋପୀବାବୁ ଏହି ବୌଦ୍ଧିକ ପ୍ରେମର ଜୟଗାନ କରିବା ପାଇଁ ପ୍ରଥମରୁ ପଟ୍ଟଜାଠାରୁ ଏକ ମାନସିକ ପ୍ରସ୍ତୁତି ଚଳାଇଛନ୍ତି ।

### ଗୋପୀନାଥଙ୍କ ଶୈଳୀ ଓ ରୂପବୈଚିତ୍ର୍ୟ

ଟଲଷ୍ଟୟ, ମୋରିଆକ ଓ ଫୋଷ୍ଟର ପ୍ରଭୃତି ସ୍ପଷ୍ଟ ଭାବେ ବ୍ୟକ୍ତ କରିଛନ୍ତି ପ୍ରତ୍ୟେକ ସାର୍ଥକ କଳାକାର ନିଜର ଶୈଳ୍ପିକ ରୂପ

---

(୨୪) ତତ୍ରୈବ, ପୃଷ୍ଠା ୧୫୫-୧୫୬

(୨୫) ତତ୍ରୈବ, ପୃଷ୍ଠା ୧୬୨-୧୬୭

ବୈଶିଷ୍ଟ୍ୟ ସେ ନିର୍ମାଣ କରେ ।" [୨୭] ଗୋପୀନାଥଙ୍କ ଶୈଳୀ ଓ ରୂପ ବୈଶିଷ୍ଟ୍ୟ ପ୍ରତି ଏ ଉକ୍ତି ଅଧିକ ଯୁକ୍ତିଯୁକ୍ତ । ସର୍ବ ପରମ୍ପରାଯୁକ୍ତ ଓ ସୁପ୍ରତିଷ୍ଠିତ ଉପନ୍ୟାସକାର ଫକୀରମୋହନଙ୍କ ଶୈଳୀ ଅଥବା ଲବ୍ଧ ପ୍ରତିଷ୍ଠିତ ଅଗ୍ରଜ କାହ୍ନୁଚରଣଙ୍କ ପ୍ରକାଶଭଙ୍ଗୀ ଗୋପୀନାଥ ଅନୁସରଣ କରିନାହାନ୍ତି । ନିଜର ଏକ ସ୍ବତନ୍ତ୍ର ଶୈଳୀ ପ୍ରକାଶ କରି ଓଡ଼ିଆ ଉପନ୍ୟାସ ଜଗତରେ ଏକ ନୂତନ ସରଣୀ ଉଦଘାଟନ କରିଛନ୍ତି । ସେ ସ୍ପଷ୍ଟ ଭାବରେ ବ୍ୟକ୍ତ କରିଛନ୍ତି, "ମୁଁ ଅନୁଭବ କରିଛି ଯେ ପ୍ରତ୍ୟେକ ଭାବୁକ, ଲେଖକ ନିଜର ଜୀବନ ଅଭିଜ୍ଞତାରୁ ନିଜର ଜୀବନ ଦର୍ଶନ ଠିକଣା କରନ୍ତି । ଅଭିଜ୍ଞତା ଭିତରେ ନିଜର ଟ୍ରାଡ଼ିସନ, ଇନହେରିଟେନସେସ୍, ନିଜ ଦେଶର ଇତିହାସ ଓ ପାଣିପବନ, ମାଟିର ବହୁତ ବଡ଼ ଅଂଶ ରହିଥାଏ ।" [୨୮] ସେଥିପାଇଁ ସଂସ୍କୃତିପ୍ରେମୀ ଶିଳ୍ପୀ ଭାରତୀୟ ଦର୍ଶନର ଅଛିଣ୍ଡା ଲହଡ଼ିପରି ମାଡ଼ି ଆସିଥିବା ଅସଂଖ୍ୟ ରୂପର ଅଛିଣ୍ଡା ସୂଅ ଭିତରେ ପୂର୍ଣ୍ଣତାକୁ ଖୋଜନ୍ତି, ଶାନ୍ତି ଆନନ୍ଦ ଖୋଜନ୍ତି । ଯୁଗ ଯୁଗର ଏଇ ନିରଳସ

---

(୨୭) I think every great artist necessarily creates his own form also.

Novelist on the Novels—Tolstoy, Page 265.

Every novelist ought to invest his own technique, that is the fact of the matter.

—Francis Mauria.

Artist always seek a new technique and will continue to do so as long as their work excites them.

"Two cheers for democracy"

—E. M. Forster, Page 103.

(୨୮) ଗଳ୍ପ—୧ମ ସଂକଳନ, ପୃ ୮୪

ସାଧନାକୁ ରୂପାୟିତ କରିବା ପାଇଁ ସେ ଏକ ସ୍ୱତନ୍ତ୍ର ଫର୍ମ ସୃଷ୍ଟି କରିଛନ୍ତି ଯାହା ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ ।

ଡଃ ରୁଥ କଳାର ଶୈଳୀ ସଂପର୍କରେ ମନ୍ତବ୍ୟ ଦେବାକୁ ଯାଇ କହିଥିଲେ, "କଳାର ନବୀକରଣ ହେବା ଏକାନ୍ତ ଆବଶ୍ୟକ । ପୁନଶ୍ଚ ଏହାର ରଚନାତ୍ମକ ପ୍ରଭାବ ଆଶ୍ଚର୍ଯ୍ୟଜନକ ଓ ଏହା ଆକସ୍ମିକତା ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ । ଥରେ ଏହାର ଉପସ୍ଥାପନା ଓ ସନ୍ନିଦ୍ଧତା ମଳିନ ପଡ଼ିଲେ ପାଠକ କ୍ରମଶଃ ଏଥିପ୍ରତି ବିମୁଖ ମନୋଭାବ ପୋଷଣ ପୂର୍ବକ ନିଜର ଅନ୍ୟ କାମରେ ବ୍ୟାପୃତ ରହେ ।"[୨୧] ଗୋପୀନାଥଙ୍କ ଶିଳ୍ପ ସୃଷ୍ଟି ପ୍ରତି ପାଠକର ଭ୍ରୂକୁଞ୍ଚନ ହେଲେ ହେଁ ବିମୁଖତା ପ୍ରକାଶ ପାଏ ନାଇ । କାରଣ ମଣିଷ ସମାଜର, ମଣିଷ ଜୀବନର ପ୍ରାଥମିକ ସମସ୍ୟାଗୁଡ଼ିକ ପ୍ରତି କଥାଶିଳ୍ପୀ ଗୋପୀନାଥ ବିଶେଷ ଭାବରେ ଦୃଷ୍ଟି ପ୍ରଦାନପୂର୍ବକ ଉପନ୍ୟାସ ରଚନା କରିଛନ୍ତି ।

ସମସ୍ୟାମୂଳକ ଉପନ୍ୟାସ ସାଧାରଣତଃ ଭାବପ୍ରଧାନ, ରସପ୍ରଧାନ ନୁହେଁ, ଭାବ ହିଁ ଏଥିରେ ମୁଖ୍ୟ ରସ । ଘଟଣାବିନ୍ୟାସ ଓ ବିଭିନ୍ନ ଚରିତ୍ରମାନଙ୍କ ବିକାଶ, ମୂଳ ସମସ୍ୟା ଓ ସେ ସଂପର୍କରେ ଲେଖକଙ୍କ ସିଦ୍ଧାନ୍ତ ଏଥିରେ ଅନୁସରଣ କରିବା ପାଇଁ ବାଧ୍ୟ ହୋଇଛି ଏହାଫଳରେ ସାଧାରଣ ପାଠକ ସମାଜ ପାଇଁ ଗୋପୀବାବୁଙ୍କ ଉପନ୍ୟାସଗୁଡ଼ିକ ରସୋତ୍ତୀର୍ଣ୍ଣ ନୁହେଁ ବୋଲି ମତ ଦେବା ସ୍ୱାଭାବିକ ।

---

(୨୧) Art must always be renewed. Its creative influence depends on surprise. When once the freshness of the presentment has faded, the reader relapses into his daily habits.

—English Literature and ideas in the Twentieth Century, Page 2

ଗୋପୀନାଥ ଅନେକତ୍ର ଜେମ୍ସ ହେନେରୀଙ୍କ ସଦୃଶ ବାସ୍ତବମୁଖୀ ହୋଇ ପଡ଼ିଛନ୍ତି । ଊନବିଂଶ ଶତାବ୍ଦୀର ଶେଷ ପର୍ଯ୍ୟାୟରେ ଇଂରାଜୀ ସାହିତ୍ୟରେ ଉପନ୍ୟାସ ଜଗତରେ ଯେଉଁ ନୂତନ ଚିନ୍ତାଧାରା, ଅଭିନବ ରଚନା ପଦ୍ଧତି ଓ ଶିଳ୍ପ ଶୈଳୀର ଆବିର୍ଭାବ ହେଲା ତାହାକୁ ଏକ ନୂତନ ବାସ୍ତବତା (Neo-realism) ବୋଲି ଅଭିହିତ କରିବା ଅଧିକ ଯୁକ୍ତିଯୁକ୍ତ । ଅବଶ୍ୟ ସାହିତ୍ୟରେ ଏଇ ବାସ୍ତବତା ଏକ ନୂତନ ପ୍ରୟୋଗ ନୁହେଁ । ଇଂରାଜୀ ସାହିତ୍ୟରେ ବିଶେଷତଃ ରୁଷ ଓ ଫରାସୀ ସାହିତ୍ୟରେ ବାଲଜାକ୍, ଜୋଲା, ମୋପାସାଁ, ଟଲଷ୍ଟୟ, ଦସ୍ତଭସ୍କି, ତୁର୍ଗେନିଭ୍ ପ୍ରଭୃତି ଲେଖକଙ୍କ ସାହାଯ୍ୟରେ ବାସ୍ତବତା ବିଭିନ୍ନ ଧାରାରେ ପ୍ରବାହିତ ହୋଇ ଏକ ସ୍ପଷ୍ଟ ଓ ପରିବ୍ୟାପ୍ତ ରୂପ ପରିଗ୍ରହଣ କରିଥିଲା ।

ଫ୍ଲବେୟାରଙ୍କ 'ମାଡାମ୍ ବୋଭାରି' ୧୮୫୬ରେ ପ୍ରକାଶିତ ହେଲାପରେ ବାସ୍ତବବାଦୀ ସ୍କୁଲର ଆରମ୍ଭ । ଜୀବନର ବାସ୍ତବରୂପ ଉପନ୍ୟାସର ବିଷୟବସ୍ତୁ ହେଲା । ଜୋଲା ଏହାକୁ ପ୍ରତିଷ୍ଠା କରିବା ସଙ୍ଗେ ସଙ୍ଗେ ଜୀବନ ସଂଗ୍ରାମର ଚିତ୍ର ଉପନ୍ୟାସରେ ଅଧିକ ଗୁରୁତ୍ୱ ପାଇଲା । Slices of life କହାଯାଇ ସାମାଜିକ ଘୂର୍ଣ୍ଣିବାତ୍ୟାର ଅଦମ୍ୟ ଶକ୍ତି ନିକଟରେ ନିଷ୍ପେଷିତ ବ୍ୟକ୍ତି ଓ ପରିସ୍ଥିତିକୁ ବର୍ଣ୍ଣନା କରାଗଲା । ଜୋଲା କହିଲେ ଯେ ଔପନ୍ୟାସିକ କିଛି ସୃଷ୍ଟି କରେ ନାହିଁ, ସେ ଅନୁଧ୍ୟାନ କରି ରିପୋର୍ଟ କରେ ମାତ୍ର । ଇମ୍ପ୍ରେସନିଷ୍ଟ (impressionist) ମାନେ କହୁଥିଲେ ଯେ ବାସ୍ତବତାକୁ ଫଟୋ-ଗ୍ରାଫି ପରି ବ୍ୟବହାର କରାଯିବ ନାହିଁ; ବାସ୍ତବତା ଲେଖକକୁ ଯେପରି ଦିଶେ ସେଇଟା ହିଁ ବାସ୍ତବତାର ପ୍ରକୃତ ରୂପ । ଭର୍ଜିନିଆ ଉଲଫ୍ ତାକୁ ଆଉରି ଟିକିଏ ଭିନ୍ନ ଭାବେ ପ୍ରକାଶ କରି କହିଲେ

ଯେ ବାସ୍ତବତା ସନ୍ଧାନରେ ମନୁଷ୍ୟର ସଚେତନ ମନରେ ଯେଉଁ ପ୍ରତିକ୍ରିୟା ସୃଷ୍ଟି ହେଉଛି ତାର ଆନ୍ତରିକ ବହିଃପ୍ରକାଶ ହେଉଛି ସାହିତ୍ୟର ପ୍ରକୃତ ମାଧ୍ୟମ । କିନ୍ତୁ ଇଂରାଜୀ ସାହିତ୍ୟରେ ଦସ୍ତୋଭସ୍କିଙ୍କ 'କ୍ରାଇମ ଏଣ୍ଡ୍ ପନିସମେଣ୍ଟ' ଅନୂଦିତ ହେବା ପରେ ଏକଥା ସ୍ପଷ୍ଟ ହୋଇ ଉଠିଲା ଯେ ବାସ୍ତବତା କହିଲେ କ'ଣ ବୁଝାଏ ? ଏବଂ ତା'ର ରୂପ କି ପ୍ରକାର ?

ଏ ଆଲୋଡ଼ନ ପରବର୍ତ୍ତୀ ପର୍ଯ୍ୟାୟରେ କ୍ରମଶଃ ପ୍ରାଚ୍ୟ ସାହିତ୍ୟ ଜଗତରେ ବିଶେଷତଃ ଉପନ୍ୟାସ କ୍ଷେତ୍ରରେ ପ୍ରଭାବ ବିସ୍ତାର କରିଥିଲା । ଗୋପୀନାଥ ଏହି ଧାରାର ବଶବର୍ତ୍ତୀ ହୋଇ ସୃଷ୍ଟି କରିଛନ୍ତି ଦାଦିବୁଢ଼ା, ଶିବଭାଇ, ଅପହଞ୍ଚ ଆଦି ଅନେକ ଉପନ୍ୟାସ । "ସାଙ୍ଗ ସାଥି ହୋଇ କନ୍ଧୁଣୀମାନେ ବୁଲୁଥାନ୍ତି; କେଉଁଠି ବାଟ ମଝିରେ ଶୁଖିଲା ଡାଳି ଶୋଲ ଅପେକ୍ଷା କରିଛି, କେଉଁଠି ସବୁ ମଲଗଛ, କନ୍ଧୁଣୀ କାମରେ ଲାଗନ୍ତି, କାଠ ଭାଙ୍ଗି ନିଅନ୍ତି । କିଏ ଶିଆଳି ପତ୍ର ତୋଳେ, କିଏ କନ୍ଦା ଖୋଳେ, କରଡ଼ି ଭାଙ୍ଗେ, କିଏ ବା ରଙ୍କ ସର ସର ହୋଇ ଧାଇଁଯାଏ ଫୁଲ ଫେନ୍ଥାଏ ତୋଳିବାକୁ । ବୁଦା ଉହାଡ଼ରେ ବଣ କୁକୁଡ଼ା ଡ଼ିମ୍ବ, ମଞ୍ଜୁର ଡ଼ିମ୍ବ, ମୁଣ୍ଡ ଉପରେ କାଇବସା, ପଥର ସନ୍ଧିରେ ମହୁଫେଣା, ଚନ୍ଧୁଣୀ ଆଖି ଚହଟିଯାଏ ଚହ୍ନି ନିଏ । ଖଣ୍ଡେଦୂର ଉଠି ଝଙ୍କା ଆମ୍ବଗଛ ମୂଳେ ଗୋଡ଼ ଲମ୍ବେଇ ବସି ଏକାଠି ପଙ୍ଗତ, କିଏ ଛୁଆକୁ ଗେଲ କରେ, ଦୁଧ ଖୁଆଏ, କିଏ କିଏ ବସି ଉକୁଣି ମାରନ୍ତି, କିଏ ପିକା ଟାଣେ, ଗପ ପଡ଼େ । ଏଇ ସ୍ତ୍ରୀ ଲୋକଙ୍କ ସଭାରେ ଆଲୋଚନା ହୁଏ ମଣିଷ ଜୀବନର ବଡ଼ ବଡ଼ ସମସ୍ୟାର ।" [୩୦] ଏ ବର୍ଣ୍ଣନା ମଧ୍ୟରେ କୌଣସି ଅସ୍ୱାଭାବିକତା ପରିଦୃଷ୍ଟ ହୁଏ ନାହିଁ ।

---

(୩୦) ଅମୃତର ସନ୍ତାନ—ଦ୍ୱିତୀୟ ପ୍ରକାଶ, ପୃଷ୍ଠା ୧୦୧

ପୁନଶ୍ଚ କେବଳ ଗଲି ଅଇଲି ଯାହା ଦେଖିଲି ନ୍ୟାୟରେ ଚୋସ୍ତବନ୍ଧା ଉପସ୍ଥାପିତ କଲେ ସାହିତ୍ୟିକ ରସବୋଧ ସୃଷ୍ଟି କରିବା ଅତ୍ୟନ୍ତ ଅସାଧ୍ୟସାଧ୍ୟ । ତେଣୁ ସ୍ଥାନ, କାଳ ଓ ପାତ୍ର ଭେଦରେ ଶିଳ୍ପ ସୃଷ୍ଟିକୁ ଜୀବନ୍ତ ଓ ସରସ କରି ଗଢି ତୋଳିବା ହେଉଛି ପ୍ରକୃତ ସ୍ରଷ୍ଟାର ଲକ୍ଷ୍ୟ । ଗୋପୀବାବୁ କୌଣସି ଏକ ବ୍ୟକ୍ତି ବିଶେଷର ଜୀବନର କ୍ଷଣିକ ଅନୁଭୂତିକୁ ବାସ୍ତବବାଦୀ ଉପନ୍ୟାସରେ ଅଭିବ୍ୟକ୍ତ କରିନାହାନ୍ତି ବରଂ ସମଗ୍ର ଗୋଷ୍ଠି ସମାଜର ସୁଖ, ଦୁଃଖ, ଆଶା, ଅଭିଳାଷ ଓ ସଂଗ୍ରାମ ସଂଘର୍ଷକୁ ରୂପାୟିତ କରିଛନ୍ତି । କନ୍ଧ ଜାତିର ଜୀବନ ଓ ଜୀବନୀ, ସମାଜ ଓ ସାମାଜିକତା, ରୀତିନୀତି, ଧର୍ମ ଓ ଧର୍ମପଣ ଆଦିକୁ ନେଇ ଗଢି ଉଠିଛି ବିରାଟ ଶିଳ୍ପସୌଧ ।

ଇଂରାଜୀ ସାହିତ୍ୟରେ ବାସ୍ତବବାଦ ବିଭିନ୍ନ ସ୍ତର ମଧ୍ୟଦେଇ ଗତି କରିଥିଲା ଭଳି ଗୋପୀନାଥ ଏକାଧିକ୍ରମେ ଫଟୋଗ୍ରାଫିକ୍, ରିଏଲିଷ୍ଟିକ୍, ଇମ୍ପ୍ରେସନିଷ୍ଟିକ ଭାବଧାରା ଦ୍ୱାରା ଉଦ୍‌ବୁଦ୍ଧ ହୋଇ ଉପନ୍ୟାସ ସୃଷ୍ଟି କରିଛନ୍ତି ଯାହା ଇଂରାଜୀ ସାହିତ୍ୟରେ ବହୁ ଲେଖକଙ୍କ ସମାବେଶରେ ଗୋଟିଏ ଗୋଟିଏ ସ୍କୁଲରେ ପରିଣତ ହୋଇଥିଲା । କୌଣସି ଗୋଟିଏ ଫର୍ମକୁ ସେ ଜାବୁଡ଼ି ଧରି ଉପନ୍ୟାସ ସୃଷ୍ଟି କରିନାହାନ୍ତି । ପୃଥିବୀର ପ୍ରସିଦ୍ଧ ଲେଖକମାନଙ୍କ ଲେଖା ବୁଝି ବୁଝି ପଢିବାର ଝୁଙ୍କ ଔପନ୍ୟାସିକଙ୍କର ଥିଲା । ନୁଠ୍ ହାମସୁନ, ଟଲଷ୍ଟୟ, ପାସ୍ତରନାକ୍, ଦସ୍ତଏଭସ୍କି, ତୁର୍ଗେନିଭ, ଗର୍କି, ହେମ୍ୟାହେଲା, କାମ୍ୟୁ, ଶାତେଁ, ବାଲଜାକ୍, ଫାଲ୍‌ବର୍କ୍ ପ୍ରମୁଖ ସମସ୍ତେ ଔପନ୍ୟାସିକଙ୍କ ଅଗରେ ସୁଆଳ ହୁଅନ୍ତି । ଏ ସମସ୍ତଙ୍କ ଦ୍ୱାରା ପ୍ରତ୍ୟକ୍ଷ ଭାବରେ ଲେଖକ ପ୍ରଭାବିତ ହୋଇନଥିଲେ ହେଁ ପ୍ରଚ୍ଛନ୍ନ ଭାବରେ ଏମାନେ ଗୋପୀନାଥଙ୍କ ଶିଳ୍ପ ଜଗତରୁ ଉଙ୍କି ମାରନ୍ତି । ଏମାନଙ୍କର ଫର୍ମ ଭିତରୁ ଯାହା ବାସ୍ତବ, ଚିରସ୍ଥାୟୀ ଓ ଶାଶ୍ୱତ ସେ ସବୁକୁ ଗୋପୀନାଥ ଆତ୍ମସ୍ଥ କରିଛନ୍ତି । ତାଙ୍କର "ଯେ

ସବୁବେଳେ ଦୁଃଖ ପାଏ, ସେ ଭାବେ ଏ ଦୁଃଖକୁ ସୁଖ ମଣି କ ଉପାସ୍ଥ ଧଇଲେ ବଞ୍ଚିବ । ଆମେ କ'ଣ ଖଣ୍ଡା ଗେରୁବାଇ ବାବାଜି ହେବାକୁ ସଂସାରକୁ ଆସିଚୁଁ, ନା ଆସିଚୁଁ ଫୂର୍ତ୍ତି ମଉଜ୍ କରିବାକୁ ? [୩୧] ଭିତରେ ସ୍ବାଭାବିକତାର ଚିହ୍ନ ସୁସ୍ପଷ୍ଟ ।

ଉପନ୍ୟାସର ଗଠନକୌଶଳ ଦିଗରୁ ଆଧୁନିକ ଯୁଗରେ ଏକ ବିରାଟ ପରିବର୍ତ୍ତନ ଦେଖାଦେଇଛି ଉପନ୍ୟାସ ଜଗତରେ । ସେଥିରୁ ଆଖ୍ୟାନ ଭାଗ, ଚରିତ୍ର ଚିତ୍ରଣ ପ୍ରଭୃତିକୁ ସମ୍ପୂର୍ଣ୍ଣଭାବେ ବାଦ୍‌ଦେଇ କେବଳ ଇନ୍ଦ୍ରିୟଲବ୍ଧ କେତେକ ଦୁର୍ବୋଧ ବର୍ଣ୍ଣନା କରାଯାଇଛି । ଏହାର ପ୍ରବର୍ତ୍ତକ ଆର୍ଲିନ ଜେକୋସ୍କି (Arlene Zekowski) ଓ ଷ୍ଟାନଲେ ବର୍ଣ୍ଣ (Stanley Berne) ସ୍ପଷ୍ଟଭାବେ ଘୋଷଣା କରିଛନ୍ତି ଏବେ ସରଳରୈଖିକ ଉପନ୍ୟାସଗୁଡ଼ିକ ଯାହାକି ଏକ ଧରାବନ୍ଧା ଫ୍ରେମ୍ ଭିତରେ କଥାବସ୍ତୁ ବା ଆଖ୍ୟାନ ଭାଗକୁ ସଜାଇ ରଖି ଆମପାଇଁ କେବଳ ଏକ ଅନୁଭୂତିର କଙ୍କାଳ ମାତ୍ର ଅବଶେଷ ରଖିଥାଏ ସେ ସବୁକୁ ପରିହାର କରିବାର ଅବସର ଆସିଛି । ସେହି ଅନୁଭୂତିର ଏକଦା ରକ୍ତ ଅସ୍ଥି ମାଂସ ଥିଲା ମାତ୍ର ଏବେ ତାହା ମୂର୍ଦ୍ଦାର ପାଲଟି କଫିନ୍ ବନ୍ଦ ହୋଇଛି । ଗୋଟିଏ ସରଳରେଖାକୁ ପୃଷ୍ଠା ପରେ ପୃଷ୍ଠା ଭରି ଉପନ୍ୟାସର ଶେଷ ପର୍ଯ୍ୟନ୍ତ ଅନୁସରଣ କରିବାର ଗ୍ରାମ୍ୟତାରୁ ଊର୍ଦ୍ଧ୍ବକୁ ଉଠିବା ଆବଶ୍ୟକ । କାରଣ ଆମର ଇନ୍ଦ୍ରିୟଲବ୍ଧ ଅନୁଭୂତିର ସୀମା ନାହିଁ । [୩୨] ଭିକ୍ଟୋରିଆନ ଯୁଗଠାରୁ ଆରମ୍ଭ କରି ଏ ଯାଏ ଇଂରାଜୀ

---

(୩୧) ଡାକାପାଣି—ପ୍ରଥମ ସଂ, ପୃ ୨୭୦

(୩୨) Let us get away from the horizontal novel which lays out its plot on a frame that leaves us nothing but the skeleton of an experience

ଉପନ୍ୟାସରେ ବିଭିନ୍ନ ଚରିତ୍ର ପରିସ୍ଥିତି ଓ ଘଟଣାର ଟିକିନିଖି ବର୍ଣ୍ଣନା ଥିଲା ଏକ ପ୍ରତିଷ୍ଠିତ ଶୈଳୀ । ପୃଷ୍ଠା ପରେ ପୃଷ୍ଠା, ଟିକିନିଖି ବର୍ଣ୍ଣନାର ଅପୂର୍ବ ରୂପବୈଚିତ୍ର୍ୟ ପାଠକରିବା ପରେ ପାଠକର ମନନ ଆଉ ଚିନ୍ତନ ପାଇଁ କିଛି ଅବଶେଷ ରହେ ନାହିଁ । ତେଣୁ ଅତି ଉତ୍ତମ ଭାବରେ ହୃଦ୍‌ବୋଧ କରିଥିବା ଦୈନନ୍ଦିନ ଘଟଣାର ବିଳମ୍ବିତ ବର୍ଣ୍ଣନା ଆଉ ପାଠ କରିବାକୁ ମନରେ ଆଗ୍ରହ ନାହିଁ । ଏଣିକି ନୂତନ ଗଳ୍ପ ଓ ରୂପବୈଚିତ୍ର୍ୟର ନବୀକରଣ ଏକାନ୍ତ ପ୍ରୟୋଜନ ଏବଂ ଏହା ଇନ୍ଦ୍ରିୟଲବ୍ଧ ବିଭିନ୍ନ ଅନୁଭୂତିର ରୂପାନ୍ତର ହୋଇଥିବାରୁ ସାମ୍ପ୍ରତିକ ପରିବେଶ ଓ ପୃଥିବୀର ବିଭିନ୍ନ ଇନ୍ଦ୍ରିୟଲବ୍ଧ ଅନୁଭୂତିରୁ ଏହି ନୂତନ ଫର୍ମ ଗ୍ରହଣ କରିବା ଆବଶ୍ୟକ ।[୩୩]

ଓଡ଼ିଆ ଉପନ୍ୟାସ ଜଗତରେ ଗୋପୀନାଥ ଏହି ନୂତନ ଫର୍ମକୁ ଗ୍ରହଣ କରି ଗଳ୍ପାତ୍ମକତାର ସ୍ପଷ୍ଟ ପରିଚୟ ପ୍ରଦାନ

---

that once had fresh but that is now dead and its coffin. We must lift ourselves from the pedestrian wastage of following a straight line, page by page, numerically to the end of our book, because sensory experience has no end.

The end of story in novel—Arlene Zekowski & Stanley Berne, Page 153.

(୩୩) It is time to kill a narrative that you know everything about, and create new stories (which are only forms of sensory experience and not the novel as such) out of new forms, and new forms out of the sensory experience of the modern world ତତ୍ରୈବ—ପୃ ୧୫୨

କରିଛନ୍ତି । ଲୟବିଳୟରେ ତରୁଣ ରାୟଙ୍କ ଇନ୍ଦ୍ରିୟଲବ୍ଧ ଅନୁଭୂତିର ବର୍ଣ୍ଣନା ଅଥବା ମାଟିମଟାଳର ନାୟକ ରବି ମନର ଭାବ ଗ୍ରହଣକୁ ଶ୍ରବଣ କଲାବେଳେ ଏ ଧାରା ସ୍ପଷ୍ଟ ବାରି ହୁଏ । "ସେଠି ଦେବଦାରୁ ତଳେ ଠିଆ ହୋଇ ମଞ୍ଜିଲ ସହରର ଆଲୁଅଗୁଡ଼ାକ ଆଡ଼କୁ ଅନାଇ ରହିଲାବେଳେ କରୁଣ ହୋଇ ଆପଣା ଭିତରର ଛପିଲା ବ୍ୟକ୍ତିତ୍ୱ ଯେପରିକି ତାର ଜାଣତା ମନ ଆଗରେ ଉଜ୍ଜ୍ୱଳ ହେଲା, ଏତେ ଶସ୍ତାରେ ବିକା ଯାଇବି ନାହିଁ ମୋତେ, ମୁଁ ବଢ଼ିବାକୁ ହେଉଛି, ଫୁଲପରି ଫୁଟିବାକୁ ହେଉଛି ।" ୩୪ କ୍ରମଶଃ ଏହି ମନୋଭାବ ବଦଳି ଯାଉଛି "ଛୋଟ ହେଜ ଉଠେ ମନରେ ଚଞ୍ଚଳତା ଅନୁଭବ କଲା, ଆଉ ଅନୁଭବ କଲା ଆପଣା ଭିତରୁ ବାହାରୁଥିବା ଗୋଟିଏ ସ୍ୱତନ୍ତ୍ର ମଣିଷକୁ, ମନ ଖିଆଲରେ ଘତଆସର ଖେଳ ଫାନ୍ଦିନେଲା, ସେ ମଣିଷ ନୁହେଁ, ଗୋଟିଏ ଫୁଲଟିଏ, ଝଡ଼ିବା ନଝଡ଼ିବାର ଚିନ୍ତା ନାଇ ତା ମନରେ ।" ୩୫ ଏହି ବର୍ଣ୍ଣନା ଭିତରେ ଗୋପୀନାଥଙ୍କ ନୂତନ ଫର୍ମ ପ୍ରତି ସୌଜନ୍ୟ ସହଜରେ ଜଣାଯାଏ ।

ଗୋପୀନାଥ ତାଙ୍କ ଉପନ୍ୟାସରେ ଆଉ ଏକ ନୂତନ ରୂପ ବୈଚିତ୍ର୍ୟ ପ୍ରକାଶ କରିଛନ୍ତି—ଭାସମାନ ବ୍ୟକ୍ତିତ୍ୱର ପୂର୍ଣ୍ଣପ୍ରକାଶ । ବିକ୍ଷିପ୍ତ ମନର ଚେତନାପ୍ରବାହ ଅବିରାମ ଗତିରେ ଏକ ଝରଣାଭଳି ଗତିକରି ଚାଲିଛି । ସଂକୀର୍ଣ୍ଣ ପାହାଡ଼ିଆ ଭୂମିରେ ଝରଣା ଗତି କଲାବେଳେ ଖରସ୍ରୋତା ହୁଏ ପୁଣି ସମତଳ ଭୂମିରେ ଗତି କଲାବେଳେ ଧୀର ମନ୍ଥର ହୁଏ କିନ୍ତୁ ସବୁ ସମୟରେ ଏହା ପ୍ରବହମାନତା ବିଦ୍ୟମାନ । ସେହିପରି ଅବସ୍ଥା ଓ ପରିସ୍ଥିତି ମଧ୍ୟଦେଇ

(୩୪) ମାଟିମଟାଳ—ପ୍ରଥମ ଖ, ପୃ ୧୨

(୩୫) ତଦେବ—ପୃ ୯୨୧

ମଣିଷ ଗତି କଲାବେଳେ ବହୁ ସମୟରେ ବହୁ ଅବସ୍ଥା ମଧ୍ୟ ଦେଇ ନାନାଭାବରେ ଗତି କରିଥାଏ । ଏସବୁର ଏକତ୍ରୀକରଣ ମନୁଷ୍ୟର ପୂର୍ଣ୍ଣବ୍ୟକ୍ତିତ୍ୱକୁ ହିଁ ସୂଚାଇ ଦିଏ । ଏହା ହିଁ ମନୁଷ୍ୟର ପ୍ରକୃତ ପରିଚୟ—ବାସ୍ତବ ସତ୍ତା ।

ପ୍ରାଚୀନ ଉପନ୍ୟାସକାରମାନେ ଦୀର୍ଘ ଦିନର ଅନୁଭୂତ ପରଂପରାକ୍ରମେ ବର୍ଣ୍ଣନା କଲାବେଳେ ଆଧୁନିକ ଔପନ୍ୟାସିକ ଗୋଟିଏ ଦିନ ବା ସପ୍ତାହର ଘଟଣାକୁ କେନ୍ଦ୍ର କରି ସାହିତ୍ୟ ସୃଷ୍ଟି କରେ । ବହୁବିଧ ଚରିତ୍ର ସୃଷ୍ଟି ନ କରି କେବଳ ଗୋଟିଏ ମାତ୍ର ଚରିତ୍ର ଅବତାରଣା କରି ତାହାର ଏକ ପୂର୍ଣ୍ଣ ପରିଚୟ ଦିଏ । ତେଣୁ ପାଠକଙ୍କୁ ଅତିରିକ୍ତ ତତ୍ପରତା, ବର୍ଣ୍ଣିତ ବିଷୟବସ୍ତୁର ରସ ଆହରଣ ନିମନ୍ତେ ସଜାଗ କଳ୍ପନା ତଥା ମନୋବୈଜ୍ଞାନିକ ବ୍ୟଞ୍ଜନାକୁ ହୃଦ୍‌ବୋଧ କରିବା ନିମନ୍ତେ ଚେତନାବୋଧର ଆବଶ୍ୟକତା ଯଥେଷ୍ଟ ରହିଛି । "ସାଧାରଣ ଶ୍ରୋତାଭାବରେ ନିଜକୁ ନିୟୋଜିତ ନକରି ଆମେ ଯେତେବେଳେ ନିଜକୁ ଶିଳ୍ପ ସହିତ ଜଡ଼ିତ କରିଦେଉ ସେତେବେଳେ ଅନ୍ୟମାନଙ୍କର ଶୁଷ୍କ ବିବରଣ ଉପରେ ନିର୍ଭର ନକରି ଆମେ ଆମର ଆଖି ଦେଖା ଓ କାନ ଶୁଣା କଥାକୁ ଅଧିକ ବିଶ୍ୱାସ କରୁ ।" ୩୨

ଇଂରାଜୀ ସାହିତ୍ୟର ଭିକ୍ଟୋରିଆନ ଯୁଗରେ ଯେଉଁ ଭଲ ମନ୍ଦର ମୋହର ମାରି ମଣିଷକୁ ବିଚାର କରୁଥିଲେ ଆଧୁନିକ

---

(୩୨) "From being listeners once removed from the scene, we have become actual participants, the effect is to make us use our eyes to see—and to feel what we have seen—other than to rely upon some one else's report of what he hasseen.
The Psychological Novel—Leon Edel, Page 139.

କଳାକାର ସେ ସବୁକୁ ଏକତ୍ରିତ କରି ମଣିଷର ଅନ୍ତଃ ପ୍ରକୃତିକୁ ଦେଖିବାର ସୁଯୋଗ ପାଇଛି । ଓଡ଼ିଆ ଉପନ୍ୟାସ ସାହିତ୍ୟରେ ଗୋପୀନାଥ ଏହାର ପ୍ରଥମ ପ୍ରବର୍ତ୍ତକ ନହେଲେ ହେଁ ଜଣେ ପ୍ରଧାନ ପୃଷ୍ଠପୋଷକ । ସବେଇଜାମର ଅନ୍ତଃ ମନକୁ ଉଠାଇ ଆଣିବା ପାଇଁ ସେ ବର୍ଣ୍ଣନା କରିଛନ୍ତି । "ସବେଇଜାମ କବାଟ ଖୋଲିଲା । ସଙ୍ଗେ ସଙ୍ଗେ ଜଳ ହୋଇଗଲା ଇଚ୍ଛାମନ ଓ ଅଣଇଚ୍ଛା ଅଣାସ୍ୱତ୍ତ ପ୍ରଭାବ ପ୍ରତିସ୍ପାମସ୍ତ ବାହାର ମନ ଜଗତର ମଝି କବାଟ, ଏଥର ତାର ଇଚ୍ଛା ମନ ନଚେଇଲା, ନାଗୁଟିଆ । ସେ ମୁଖା ଖୋଲିପାରେ, ବେଶ ଉତାରି ଥୋଇ ଦେଇ ଖେଳିପାରେ ନିଜ ସଙ୍ଗେ । ଆଶ୍ଚର୍ଯ୍ୟ ତାର ମନର କାରବାର, ଗୋଟାଏ ଗୋଟାଏ ସାଧାରଣ କାର୍ଯ୍ୟ— କବାଟ ଖୋଲିବା, କାନ୍ଥରେ ବାଡେଇ ହୋଇ ଏକୁଣ୍ଡିରେ ଝୁଣ୍ଟି ଅଜାଣତରେ ଦେହକୁ କଷ୍ଟ ମୁଚୁଲିଇବା, ଚୁଲିମୁହଁ ବାଟେ ସରୁକାଠ ଖଣ୍ଡେ ଗେଞ୍ଜିଦେଇ ଉଦାସ ଦୃଷ୍ଟିରେ ସେ ଜଳି ପାଉଁଶ ହେବା ପର୍ଯ୍ୟନ୍ତ ଗାଲରେ ହାତ ଦେଇ ତାକୁ ଚାହିଁ ରହିବା—ଏଥିରେ ସେପରିକି ଭିତର ମନର ରୁଦ୍ଧ ଇଚ୍ଛା କେଉଁ ଧାରଣା ସଙ୍କେତ— ପରିଆରରେ ନିଜର ପ୍ରତିବିମ୍ବ ଦେଖେ, ବାହାରର ସାଧାରଣ କାର୍ଯ୍ୟଟି ହୁଏ ଗୋଟିଏ ରୂପକ, ତାର ମନର ଅଶାନ୍ତ ଇଚ୍ଛା ଛନ୍ଦରେ ଚରି ବୁଲେ ।"[୬୭] ଗୋପୀବାବୁ ଏଇ ପ୍ରଣାଳୀର ଆଶ୍ରୟ ନେଇ ସୂକ୍ଷ୍ମ ଭାବରେ ମନର ବିକ୍ଷିପ୍ତ ଚିନ୍ତାକୁ କର୍ତ୍ତବ୍ୟର ତାଡନାରେ ରୂପାୟିତ କରିଛନ୍ତି ।

ମନୁଷ୍ୟର ଦୈନନ୍ଦିନ କାର୍ଯ୍ୟକଳାପ ଯାହା ସାଧାରଣ ଆଖିରେ ତୁଚ୍ଛ ଓ ଅର୍ଥହୀନ ବୋଲି ମନେହୁଏ ଔପନ୍ୟାସିକ ସେଗୁଡ଼ିକର ମହତ୍ତ୍ୱ ପ୍ରତିପାଦନ କରି ତାକୁ ଏପରି ଭାବେ

(୬୭) ଦାନାପାଣି—ପ୍ରଥମ ସଂ, ପୃ ୧୦୫

ସଜାଇଛନ୍ତି ଯେ କାର୍ଯ୍ୟକାରଣ ପରମ୍ପରା ମଧ୍ୟ ଦେଇ ସଙ୍ଘ ଜୀବନର ଜଟିଳତା ସୁସ୍ପଷ୍ଟ ହୋଇଛି । ଅଙ୍କସ୍ଥିର୍‌କର ବାହ୍ୟ ଘଟଣା ସାହାଯ୍ୟରେ ତାର ସନାତନ ଭାବଗୁଡ଼ିକ ଅନେକାଂଶ ଅଭିବ୍ୟକ୍ତ ହୋଇଛି । "ସଞ୍ଜ କଣ୍ଟ୍ରୁ କଣ୍ଟ୍ରୋଲ ନାଇଁ, ଚୁହ୍‌ଲୁଙ୍ଗ୍ କଟିଗଲା ତିନି ମିନିଟ, ଏଇ ତିନି ମିନିଟରେ ଦୁହିଁଙ୍କ ମନରେ ବୋଧହୁଏ ଖେଳିଲା କେତେବରଷର ଗୋଟାଏ ଯୁଗ—ଦୁହିଁଙ୍କ ସମ୍ବନ୍ଧରେ ଇତିହାସ, ଆଉ ଚଳନ୍ତି ସମୁଦ୍ରର ଲହଡ଼ି ଯେପରି ଉଇଁ ଉଠୁଛି ଯେମିତିକି ଦୁଇଟି ନୂଆ ମୁହଁ, ଦୁହେଁ ନୂଆ ହୋଇ ପରସ୍ପର କଏ ଏ ଦୁଇ ନୂଆ ମୁହଁକୁ ଚାହିଁ ଚାହିଁ ଦେଖୁଛନ୍ତି ।" [୩୮]

ଗୋପୀନାଥଙ୍କ ଉପନ୍ୟାସ ପାଠ କଲେ ତାଙ୍କର ଗଳ୍ପାଂଶ ବା ବିଷୟବସ୍ତୁ ଅପେକ୍ଷା ବର୍ଣ୍ଣନା ନୈପୁଣ୍ୟ ଅଧିକ ପରିମାଣରେ ପାଠକର ଦୃଷ୍ଟିପଥାରୂଢ଼ ହୁଏ । ଓଡ଼ିଆ ସାହିତ୍ୟାକାଶର ଅଦ୍ୟାବଧି ଯେତେ ସ୍ରଷ୍ଟାଙ୍କ ଆବିର୍ଭାବ ହୋଇଛି ତନ୍ମଧ୍ୟରେ ଗୋପୀନାଥଙ୍କ ବର୍ଣ୍ଣନା ବୈଚିତ୍ର୍ୟ ଅଧିକ ଉଲ୍ଲେଖଯୋଗ୍ୟ । ସ୍ଥାନ, କାଳ ଓ ପାତ୍ରର ନିଖୁଣ ବର୍ଣ୍ଣନା କରିବାରେ ଓଡ଼ିଆ ଉପନ୍ୟାସ ସାହିତ୍ୟର ଜନକ ଫକୀରମୋହନ ଅଧିକ ଦକ୍ଷତା ହାସଲ କରିଥିଲେ ହେଁ ଗୋପୀନାଥଙ୍କ ସ୍ୱାତନ୍ତ୍ର୍ୟ ଏ ଦିଗରୁ ଅଧିକ ସ୍ମରଣୀୟ । "ମୋଡ଼ ବୁଲି ଗଳିରେ ପଶିଲାବେଳକୁ ପ୍ରଥମେ ହିଁ କେତେଗୁଡ଼ିଏ ବାଉଁଶ କାରିଗରଙ୍କ ଘର । ରାସ୍ତା ଉପର ଅଗଣାରେ ଆଲୁଅର ସବୁବେଳେ ଲାଗିଥାଏ କାମ । ଚିରା ବାଉଁଶ ପଡ଼ିଥାଏ । ବସା ସତେ କି ଗୋଟିଏ କୁଟୀର ଶିଳ୍ପ ପ୍ରଦର୍ଶନୀ । ଫର୍ଦ୍ଦି ହାତ, ଫର୍ଦ୍ଦି କାମ ପ୍ରତି ମିନିଟରେ ପଇଆ ତିଆରି ହେଉଛି, ଲୋକ ଲାଗିଛନ୍ତି—ଚାଳି, କୋଳେଇ, ଓଦର, ବାଉଁଶ, ପଟି । କୁଞ୍ଚା କୁଞ୍ଚା

(୩୮) ବହ୍ନିର ତୃଷ୍ଣା – ପ୍ରଥମ ସଂ, ପୃ ୨

ସାନ ସାନ ଘରେ ତଳର ଆଲୁଅ ମିଟିମିଟି ଜଳେ । ଅନ୍ଧାରରେ ଶୁଭୁଥାଏ କ୍ଲାରିଅନେଟ ଓ ମନ୍ଦିରାର ଐକ୍ୟତାନ । ଏମାନେ ମଧ୍ୟ ବାଦ୍ୟକାର ।" " କୌଣସି ବିଷୟ ବର୍ଣ୍ଣନା କଲାବେଳେ ଲେଖକ ପାଠକଙ୍କୁ ସେହି ବିଷୟରେ ଏକ ସ୍ପଷ୍ଟ ଧାରଣା ନଦେଲା ପର୍ଯ୍ୟନ୍ତ ଶାନ୍ତି ଲଭ କରିନାହାନ୍ତି । ଲୟବିଲୟ ଉପନ୍ୟାସରେ ପୁରୀ ସମୁଦ୍ରକୂଳର ବର୍ଣ୍ଣନା ଏ ପ୍ରସଙ୍ଗରେ ବିଶେଷ ଉଲ୍ଲେଖଯୋଗ୍ୟ । ଏ ବର୍ଣ୍ଣନା ପାଠକଲେ ସମୁଦ୍ର କେବେ ଦେଖିନଥିବା ବ୍ୟକ୍ତି ମଧ୍ୟ ସହଜରେ ସମୁଦ୍ରକୂଳର ପରିବେଶ ଓ ପରିସ୍ଥିତି ସମ୍ବନ୍ଧରେ ଏକ ସ୍ପଷ୍ଟ ଧାରଣା କରିନେବ । ଏହା ହିଁ ଗୋପୀନାଥଙ୍କ ବିଶେଷତ୍ୱ ।

ଲେଖକଙ୍କ ଉପନ୍ୟାସର କଥାବସ୍ତୁ ସମ୍ବନ୍ଧରେ ଆଲୋଚନା କଲାବେଳେ ଜଣାଯାଏ ତାଙ୍କର ପ୍ରକାଶଭଙ୍ଗୀ ସ୍ୱତନ୍ତ୍ର । ସାଧାରଣ ଗ୍ରନ୍ଥିରେ ଅର୍ଥାତ୍ **A boy meets the girl** ଗ୍ରନ୍ଥି ଅବଲମ୍ବନ ନକରି ଲେଖକ ଅନେକାଂଶରେ କଥାବସ୍ତୁକୁ ତରଙ୍ଗାୟିତ କରିଛନ୍ତି । ସେଥିପାଇଁ ପାଠକ ନିକଟରେ ଏହା **clumsy** ବୋଧହୁଏ । ଆଧୁନିକ ମାନବ ଜୀବନ ଯେପରି ଜଟିଳ, ବିଭିନ୍ନ ଘଟଣାପ୍ରଘାତ ଫଳରେ ସେ ଯେପରି ଭାବରେ ଆଲୋଡ଼ିତ ଓ ତରଙ୍ଗାୟିତ ହୋଇଛି ଶିଳ୍ପୀର ଲେଖନୀ ମୁନରେ ସେହିପରି ରୂପାୟିତ ହେବା କିଛି ଅସ୍ୱାଭାବିକ ନୁହେଁ ।

ଗୋପୀନାଥଙ୍କ ଉପନ୍ୟାସର ପ୍ରଥମାଂଶ ମନ୍ଥର ଗତିରେ ପ୍ରବାହିତ ହୋଇ କ୍ରମେ ଘଟଣାର ଅନ୍ତଃ ଓ ବାହ୍ୟ ଦ୍ୱନ୍ଦ୍ୱ ଫଳରେ କ୍ରମଶଃ ପ୍ରଖର ହୋଇଛି । ଏ ଦିଗରୁ ଲେଖକ ସାଧାରଣ ଜଗତରେ ବୋଧଗମ୍ୟ ହୋଇପାରନ୍ତି ନାହିଁ । ବର୍ଣ୍ଣନା ବାହୁଲ୍ୟ ମଧ୍ୟରେ

---

(୩୯) ଶରତବାବୁଙ୍କ ଗଳ୍ପ—ପ୍ରଥମ ସଂ, ପୃ ୨

ଉପନ୍ୟାସର ମୂଳ ସୂତ୍ରଟିକୁ ଖୋଜି ବାହାର କରିବା ପାଠକ ପକ୍ଷରେ କଷ୍ଟକର ହୋଇପଡ଼େ । ମାନସିଂହଙ୍କ କଥାରେ, "ମହାନ୍ତିଙ୍କ ଶିଳ୍ପ ଜଗତ ସୁଖକର ବୋଧ ହୁଏ ନାହିଁ । ସେଗୁଡ଼ିକ ଆଦୌ ସୁଖ ପାଠ୍ୟ ନୁହେଁ । ଗୋପୀବାବୁ ସେହିଁଠି ଉପନ୍ୟାସକୁ ଶେଷ କରିବା କଥା ସେଠାରେ ଶେଷ ନ କରି ଆଗେଇ ଚାଲନ୍ତି । ଏପରିକି ସବୁଠାରୁ ଧୈର୍ଯ୍ୟଶୀଳ ପାଠକ ମଧ୍ୟ ଅତିଷ୍ଠ ହୋଇପଡ଼େ" । [୪୦]

ଡଃ ମାନସିଂହଙ୍କ ଆକ୍ଷେପୋକ୍ତି ଗୋଟିଏ ଦିଗରୁ ସତ୍ୟ । କାରଣ ସାଂପ୍ରତିକ କାଳରେ ଉପନ୍ୟାସର ବସ୍ତୁର ଗୁଣାତ୍ମକ ନ ହୋଇ ପରିମାଣାତ୍ମକ ହୋଇ ପଡ଼ୁଛି । ଉପନ୍ୟାସର କଳାଗତ ସୌଷ୍ଠବତା ଯାହା ହେଉନା କାହିଁକି ବର୍ଣ୍ଣନାତ୍ମକ ପିଣ୍ଡର ବହୁ ସ୍ଫୀତି ସାଂପ୍ରତିକ କାଳରେ ଉପନ୍ୟାସର ଏକ ପ୍ରଧାନ ଲକ୍ଷଣ ହୋଇ ପଡ଼ୁଛି । ସେଥିପାଇଁ ଉପନ୍ୟାସର ପୃଷ୍ଠା ବଢ଼ାଇବା ପାଇଁ ଲାଗି ରହିଛି ପ୍ରବଳ ପ୍ରତିଯୋଗିତା । ଅବଶ୍ୟ ଗୋଟାଏ ଯୁଗୀୟ ଚେତନା ସେହିଁଠାରେ ଉପନ୍ୟାସର ମୁଖ୍ୟ ଉପଜୀବ୍ୟ ବିଷୟ ଓ ଚରିତ୍ର ସବୁକୁ କେବଳ ଗୋଟିଏ ଗୋଟିଏ ଉପଲକ୍ଷ୍ୟ ଭାବରେ ଗ୍ରହଣ କରାଯାଇଥାଏ ସେଠାରେ ଉପନ୍ୟାସ ସ୍ଥୂଳକାୟ ହେବା ସ୍ୱାଭାବିକ । ଟଲଷ୍ଟୟଙ୍କ 'ୱାର ଏଣ୍ଡ ପିସ୍'ଏ ପ୍ରସଙ୍ଗରେ ସ୍ମରଣୀୟ । ଅପର ପକ୍ଷେ ଫରାସୀ ଔପନ୍ୟାସିକ ମାର୍ଶଲ ପ୍ରାଉଷ୍ଟଙ୍କ

---

(୪୦) Mohanti's works have the appearance of wilderness. They seldom make happy reading. Mohanti has never trained himself to stop where he should, but goes on and on till he tires the most patient reader.

History of Oriya literature.

—Dr. M. Mansingh, Page 270

'A la recherche de Temps Perdu' ଷୋଳ ଖଣ୍ଡରେ ସମାପ୍ତ ଏକ ସାର୍ଥକ ଉପନ୍ୟାସ—ଯେଉଁଠି ନାୟିକ ସ୍ମିତ ହାସରେଖା ସମ୍ପର୍କରେ ଲେଖକ ପ୍ରାଉଷ୍ଟ ପୃଷ୍ଠାର ବର୍ଣ୍ଣନା ଦେଇଛନ୍ତି । ଏ ସବୁ ଅଧ୍ୟୟନ କରିବା ପାଇଁ ଦୈହିକ ବଳ ଯେମିତି ଆବଶ୍ୟକ ମାନସିକ ସ୍ଥିରତା ମଧ୍ୟ ସେତିକି ପରିମାଣରେ ପ୍ରୟୋଜନ । ପାଠକକୁ ଏକ 'ରିଡ଼ିଂ-ମେସିନ' ଭାବରେ ଗ୍ରହଣ କରିନେଲେ ଶିଳ୍ପୀଙ୍କର ଏ ବର୍ଣ୍ଣନାର ଯଥେଷ୍ଟ ମୂଲ୍ୟବୋଧ ରହିଛି । କୌଣସି ବର୍ଣ୍ଣନା ପାଠ କରୁ କରୁ ପାଠକ ଯଦି ନାସିକା କୁଞ୍ଚନ କରେ ଅଥବା ନାୟକ ନାୟିକାଙ୍କ ଗୃହବାକ୍ୟ ପାଠ କରୁ କରୁ ଭ୍ରୂକୁଟୀରେ କୁଟିଳ ରେଖା ପ୍ରସ୍ଫୁଟିତ ହୁଏ ସେଠାରେ ପାଠକ ପ୍ରତି ଅଯଥା ଦୋଷାରୋପ କରିବାର କୌଣସି କାରଣ ନାହିଁ । ଜନ୍ମ ଅନେକ ସମୟରେ ଆଧୁନିକତାର ମାପକାଠିରେ ନିଜକୁ ମାପିଲାବେଳେ ଶିଳ୍ପୀ ଏ ପ୍ରକାର ଦୋଷଦୁଷ୍ଟ ହୁଅନ୍ତି ।

ପ୍ରାଉଷ୍ଟ, ଟଲଷ୍ଟୟ ଅଥବା ଦଶଖଣ୍ଡରେ ସମାପ୍ତ ରୋମାଁ ରୋଲାଁଙ୍କ 'ଜାଁ କ୍ରିଷ୍ଟୋଫ' ପ୍ରଭୃତି ସାର୍ଥକ ସ୍ରଷ୍ଟାଙ୍କ ସଦୃଶ ଗୋପୀ-ବାବୁଙ୍କ ଉପନ୍ୟାସ ଓଡ଼ିଆ ଉପନ୍ୟାସ ସାହିତ୍ୟରେ ଏ ଯୁଗର ଏକ ଏକ ମହାକାବ୍ୟ । 'ଅମୃତର ସନ୍ତାନ' ଅଥବା 'ମାଟିମଟାଳ' ଆକୃତି ଦିଗରୁ ଦୀର୍ଘ ଓ ପୃଥୁଳ ହେଲେ ହେଁ ଅର୍ଥହୀନ ଘଟଣା ଓ ଚରିତ୍ରର ଏକ ଏକ ମାଂସଳ ଗୋଦର ଗୋଡ଼ ନୁହେଁ, ବରଂ ସମରସେଟ ମମଙ୍କ ଉକ୍ତି[୪୧] ସଦୃଶ ଏ ଗୁଡ଼ିକ ହେଉଛି ଆମର ଶ୍ରେଷ୍ଠ ଉପନ୍ୟାସ । ଏଥିରେ ପାଠକର ରସବୋଧ ପରିତୃପ୍ତ ଓ ପରିବ୍ୟାପ୍ତ । ସାଂପ୍ରତିକ କାଳର କବିତା ବା କଳାର ବସ୍ତୁର

(୪୧) "...our great novels are shapeless"

Summing up—S. Maugham, Page 159

ଭଲ୍ଲବେଳେ ସର୍ବପ୍ରଥମେ ଏହାକୁ ଫର୍ମଲେସ ଓ ଦୁର୍ବୋଧ ବୋଲି ପାଠକ ଯେପରି ମନ୍ତବ୍ୟ ପ୍ରଦାନ କରେ ସେପରି ଉପନ୍ୟାସ ପ୍ରତି ବିମୁଖତା ପ୍ରକାଶ ପାଇବା ସ୍ୱାଭାବିକ ।

ପାରମ୍ପରିକ ଧାରାବାହୀ ମନ ନମୁନାରେ ଗଢ଼ି ଆସୁଥିବା ପ୍ରଚଳିତ ପାଠକୁ ଗୋପୀବାବୁ ପରିହାର କରିଛନ୍ତି । ଅବଶ୍ୟ ଏ ପାଠକୁ, ବନ୍ଧୁ ବୋଧ ଓ ଅବୋଧ ସୃଷ୍ଟି ଅଭିଧାନ୍ତ ତଥା ବ୍ୟାକରଣ ବହିର୍ଭୂତ ଶବ୍ଦାବଳୀର ବିଚିତ୍ର ବିନ୍ୟାସ ମଧ୍ୟରେ, ପରିସ୍ଥିତି ଓ ଚରିତ୍ର ବର୍ଣ୍ଣନା କରାଯାଇ ଉପନ୍ୟାସଗୁଡ଼ିକୁ ଅଧିକ ସ୍ୱାଭାବିକ ଓ ଜୀବନ୍ତ କରାଯାଇ ପାରିଛନ୍ତି । ସାଁ ହରିଣି ଅରଣି ରାୟଙ୍କ ସମ୍ପର୍କରେ, "ବିଚିତ୍ର ଲୋକ ଅରଣି ରାୟ, କଳା ହୋଇ ପାତଳ ହୋଇ ଡେଙ୍ଗା ହୋଇ ଲୋକଟା, ହାଡ଼ୁଆ ମୁହଁ ଚିକିକଣ ଝିଅର ହେଲପରି ଦିଶେ, କାରଣ ସେ ଜନ୍ମରୁ ମାଖୁନା ଆଉ ସେ ଡେଙ୍ଗା ଦେହ ଉପରେ ଗୋଟାଏ ଲମ୍ବା ବେଲ ପରି ତାର ଟାଙ୍ଗରା ମୁଣ୍ଡ । ବଦଭ୍ୟାସ କେବଳ ପିଙ୍କା, ତାର ସେ ହାତରେ ବଳ ଖାଏ । ବପୁଟ ବାଙ୍କ, ବେକରେ ଧାଗଡ଼ା ଭୁଲସୀମାଳ, ମୁଣ୍ଡରେ କାନ ତଳରେ ଧଳା ଚିତା, ସବୁରକୁ ଗଦେଲ ଧାନ ଉଷୁଅାଁ ହାଣ୍ଡି ବର୍ଣ୍ଣର ଗୋଟାଏ ପୁରୁଣା ଲମ୍ବା କୋଟ ଗଳାଏ, ତାର ଉପର ବୋତାମ ନେକଟା ନାହିଁ, ତେଣୁ ସ୍କନ୍ଧରେ ଭୁଲସୀମାଳ ମୁହଁ ଦେଖାଏ, କାନ୍ଧରେ ଖଣ୍ଡେ ଜଷ୍ଟ ଗାମୁଛା ଓହଳାଏ, ଆଉ ଛତା ଧରେ । ଏତିକରେ ଗୋଟିଏ ଶିଷ୍ଟତା ବାହାରେ ଆଉ କିଛି ଯାଏ ପଦେ କଥା କହିଲେ । ଅରଣି ରାୟ କାହାର ମୁହଁକୁ ନ ଚାହିଁ ଖାଲି ଖାଲି ଅଳ୍ପ କଥା କହେ ବାକି ସମସ୍ତ ତାର ଧୋମଣୀ ଆସ୍ତେ ଆସ୍ତେ ବୁଲୁଥାଏ । ଭାବନା ସଙ୍ଗେ ସଙ୍ଗେ ଯେପରି କ କଥାଗୁଡ଼ାକ ଖାଲି ହେଉଛି ସିନା, ପଦାକୁ

ଆସିବାକୁ ପୂର୍ଣ୍ଣ ହୋଇ ପଡ଼ୁ ହୋଇନାହିଁ । ଯଦି ସେ କାହାକୁ ମୁହାଁମୁହିଁ ବୃନ୍ଦିଦିଏ ତାର କୋରଡ଼ ଭିତରର ଫ୍ଲୋଟ ଗ୍ଲେଟ ଆଖିରେ, ତେବେ ତାର ସ୍ଥିରଦୃଷ୍ଟି ପଡ଼ିକୁ ଆଗ କାଟେ, ତା' ପରେ ଜାବୁଡ଼ିକର ଯେପରି କ ଧରି ରଖେ ।”[୫୪] ଏ ବର୍ଣ୍ଣନା ମଧ୍ୟରେ ଭାବବୈଚିତ୍ର୍ୟ ବେଶ ବାରିହୁଏ । ବେଳରେ ଭୂଲସୀମାଙ୍କ ପକାଇ ବାହାରକୁ ସେ ଯାହା ଦେଖାଏ ପ୍ରକୃତରେ ସେଇଯା ନୁହେଁ ବରଂ ଅତି ଭୟଙ୍କର, ଯାହାକୁ ଆହୁରି ସୁନ୍ଦର ଭାବରେ ଉପସ୍ଥାପିତ କରିଛନ୍ତି କେବଳ ଗୋଟିଏ ଶବ୍ଦ 'ମାଖିନା'ର ବ୍ୟବହାର କରି । ମଣିଷ ଭିତରେ ଅତିମାନୁଷିକତାର ଛନ୍ଦ ବରଂ ଆହୁରି ଗମ୍ଭୀରର ଭାବରେ ପ୍ରକାଶ ପାଇଛି । ଏ ଗମ୍ଭୀରତା ଗୋପୀନାଥଙ୍କ ବ୍ୟକ୍ତିତ୍ୱ ଓଡ଼ିଆ ସାହିତ୍ୟରେ ଅନନ୍ୟ କେନ୍ଦ୍ର ଉପସ୍ଥାପିତ କରିପାରି ନାହାନ୍ତି ।

## ଗୋପୀନାଥଙ୍କ ଶବ୍ଦ ସଂଯୋଜନା ଓ ଭାଷା

ଓଡ଼ିଆ ଉପନ୍ୟାସ ଜଗତରେ ଫକୀରମୋହନ, ନନ୍ଦକିଶୋର, ଉପେନ୍ଦ୍ରକିଶୋର ପ୍ରଭୃତିଙ୍କ ପରେ ଓଡ଼ିଆ ଉପନ୍ୟାସ ସାହିତ୍ୟକୁ ଭାଷାସମୃଦ୍ଧ କରିବା ଦିଗରେ ଗୋପୀନାଥଙ୍କ ଦାନ ଅତୁଳନୀୟ । ସ୍ଥାନ, କାଳ ଓ ପାତ୍ରଭେଦରେ ନଜକ ଓଡ଼ିଆ ଜୀବନର ଚିତ୍ର ଉପସ୍ଥାପିତ କରିବାରେ ଗୋପୀବାବୁଙ୍କ ସାଙ୍କେତିକ ଭାଷା ଓ ଶବ୍ଦଗୁମ୍ଫନ ତାଙ୍କ ସାର୍ଥକତାର ଏକ ବିଶେଷ ଆକର୍ଷଣ, ଏହା ଅନସ୍ୱୀକାର୍ଯ୍ୟ ।

ଗଳ୍ପ ବା ଆଖ୍ୟାନ ଭାଗ ଉପନ୍ୟାସର ପ୍ରାଣବିନ୍ଦୁ ହୋଇପାରେ କିନ୍ତୁ ଉପନ୍ୟାସ କ ଭାବରେ ରଚିତ ହେବ କେଉଁ

---

(୫୪) ମାଟିମଟାଳ—୧ମ ସଂ, ପୃ ୨୫୭-୫୮

ରୂପରେ ପାଠକ ଆଗରେ ଏହା ସ୍ପଷ୍ଟ ଓ ସୂକ୍ଷ୍ମ ଢଙ୍ଗ ମାଧ୍ୟମରେ ଉପନ୍ୟାସକାରର ବକ୍ତବ୍ୟ ବହନ କରି ଉପସ୍ଥିତ ହେବ ତାହା ହିଁ ଆଲୋଚନାର ବିଷୟ । ଉପନ୍ୟାସରେ ଏହି ବିଷୟଟି ନାନାଦିଗରୁ ଗୁରୁତ୍ୱପୂର୍ଣ୍ଣ । ଉପନ୍ୟାସକାର କ'ଣ କହିବାକୁ ଚାହେଁ ସେଇଟା ଯେମିତି ପ୍ରୟୋଜନୀୟ କପରି ଭାବରେ କହିବାକୁ ହେବ ସେଇଟା ମଧ୍ୟ ସେତିକି ପରିମାଣରେ ପ୍ରୟୋଜନୀୟ, ବରଂ ଅନେକାଂଶରେ ବେଶି ଗୁରୁତ୍ୱପୂର୍ଣ୍ଣ । ଉପନ୍ୟାସର ଭାଷା ତାହାର ବୈଶିଷ୍ଟ୍ୟ ସ୍ୱାତନ୍ତ୍ରରେ ଚିହ୍ନିତ । ଉପନ୍ୟାସର ଅନୁଜ୍ଞାବହନ କରି ଏହା କେତେବେଳେ ଗଭୀରଗାମୀ ଅନ୍ୟ କେତେବେଳେ ମନ୍ଥର ଏବଂ ଗମ୍ଭୀର ।

ଉପନ୍ୟାସର ଭାଷା ସମ୍ବନ୍ଧରେ ଓଡ଼ିଆ ଉପନ୍ୟାସକାର-ମାନଙ୍କ ଧାରଣା ନାତିସ୍ୱଚ୍ଛ । ଅଳ୍ପ କେତେ ଜଣଙ୍କ ବ୍ୟତୀତ ଆମର ସମୁଦାୟ ଔପନ୍ୟାସିକକୁଳ ଏହାକୁ ଏକ ଭାରବାହୀ ପଶୁ ଭାବରେ ଗ୍ରହଣ କରିଛନ୍ତି ଓ ଉପନ୍ୟାସର ଘଟଣା ବହନ କରିବା ତାହାର କାର୍ଯ୍ୟ ହୋଇପଡ଼ିଛି । ପୁନଶ୍ଚ ଉପନ୍ୟାସର ଭାଷାକୁ କେତେବେଳେ ଏକ ଅଯଥା ଆବେଗ ପ୍ରକାଶର କାବ୍ୟିକ ରାଜପଥ ଭାବରେ, ଅନ୍ୟ କେତେବେଳେ ବାସ୍ତବତାର ବର୍ଣ୍ଣାଢ୍ୟ ଭାବରେ ଏହାକୁ ଔପନ୍ୟାସିକକୁଳ ଗ୍ରହଣ କରିଛନ୍ତି । ଅଥଚ ଗଦ୍ୟ ଏ ଯୁଗର ସବୁଠାରୁ ଶକ୍ତିଶାଳୀ ମାଧ୍ୟମ ଏ ଧାରଣା ଅର୍ଦ୍ଧପରିସ୍ଫୁଟ । ଗୋପୀବାବୁ ଏ ଦିଗରୁ ଏକ ବ୍ୟତିକ୍ରମ ।

ଆଲୋଚ୍ୟ ଉପନ୍ୟାସକାରଙ୍କ ଭାଷା ଏକ ଭାରବାହୀ ପଶୁ ନୁହେଁ ବରଂ ନୂତନ ନୂତନ ଚେତନାରେ ପ୍ରାଣମନ୍ତ । ଲେଖକଙ୍କ ମୁହଁରେ "× × × ନହେଲେ କଥିତ ଓଡ଼ିଆ ଭାଷା ପ୍ରଚଳନ କରିବା ମୂଳରେ ମୋର ଥିଲା ଆୟାରଲାଣ୍ଡର **Celtic revival**ର ପ୍ରେରଣା । ଆଇରିସ ଲୋକଙ୍କ କଥିତ ଭାଷା **Erse**କୁ ଇଂରାଜୀ

ଭାଷାଠାରୁ ଅଲଗା କରି ଏକ ସ୍ୱତନ୍ତ୍ର ଭାଷା ପ୍ରବର୍ତ୍ତନ କରିବା ପାଇଁ Synge, Barrie ଏବଂ ଅନ୍ୟମାନେ ଯେଉଁ ଉଦ୍ୟମ କରିଥିଲେ ତାହା ୟେଟ୍‌ସ, ବର୍ଣ୍ଣାର୍ଡ଼ ଶ' ପ୍ରମୁଖଙ୍କ ସାହିତ୍ୟରେ ଆତ୍ମପ୍ରକାଶ କରିଥିଲା । ମୁଁ ଥିଲି ଏମ୍. ଏ. ରେ ଇଂରାଜୀ ସାହିତ୍ୟର ଛାତ୍ର—ଇଂରାଜୀ ନାଟକ ଓ ଭାଷା ଉପରେ ମୋର ବେଶି ଦୃଷ୍ଟି ଥିଲା । ମୁଁ ବୁଝିଥିଲି ସରଳତା ହେଉଛି ଉଚ୍ଚାଙ୍ଗ ସାହିତ୍ୟର ଧର୍ମ । ଭାଷାପ୍ରତି ମୋର ଦୃଷ୍ଟିଭଙ୍ଗୀ ଏହି ଚିନ୍ତାଧାରାଦ୍ୱାରା ପ୍ରଭାବିତ ହୋଇଥିଲା । ମୋର ଗଳ୍ପ, ଉପନ୍ୟାସ, ଲେଖାର ନେପଥ୍ୟରେ ରହିଛି ମୋ ବୋଉର ଭାଷା, ଗାଉଁଲି ଲୋକଙ୍କ ଭାଷାର ଛନ୍ଦ, ସଙ୍ଗୀତ ଓ ସେହି ବଳିଷ୍ଠ ଅର୍ଥଗୌରବ ଯାହା ଜୀଅନ୍ତା ଜୀବନର ଅଙ୍ଗେ ନିଭାଇଥିବା ଅଭିଜ୍ଞତା ଓ ଅନୁଭୂତି । ପଦେ ଦିପଦ କଥାରେ ସେମାନେ ତାଙ୍କ ନିତିଦିନିଆ ଜୀବନର ଗୋଟିଏ ବଳିଷ୍ଠ ପ୍ରାଣବନ୍ତ ଚିତ୍ର ଫୁଟାଇ ପାରନ୍ତି । ଉଦାହରଣ ଦେବି "ତାଙ୍କ କଥା, ଶୀତଳ କଟୁଆ । ଓଡ଼ିଆ ଛଡ଼ା କ୍ୱଚିତ୍ ଅନ୍ୟ ଭାଷାରେ ଏପରି ସମ୍ଭବ ହୁଏ । ସେହିପରି ଅନନ୍ତ ପଟ୍ଟନାୟକଙ୍କର 'ଉଗୁଳା ଧାନର ଗା ହୃଦୟ କଣିକାଏ' । ମୋ ଅଞ୍ଚଳର କଟକ ମଫସଲର ଗାଉଁଲି ଭାଷାର ବିରାଟ ଶବ୍ଦସମ୍ଭାର ଥିଲା । ତା ଛଡ଼ା ମୁଁ ପିଲାଦିନେ ସୋନପୁରରେ ଚାରିବର୍ଷ ପଢ଼ି ସମ୍ବଲପୁରୀ ଭାଷାକୁ ମୋ ନିଜ ଭାଷା କରି ନେଇଥିଲି ଓ ତହିଁରୁ ଅନେକ ଚମତ୍କାର ସଙ୍ଗୀତମୟ ସାରଗର୍ଭକ ଶବ୍ଦ ଓ ପ୍ରୟୋଗ ମୁଁ ଆହରଣ କରିଥିଲି । କାଳକ୍ରମେ କୋରାପୁଟର ଓଡ଼ିଆ ଭାଷା ଓ ବିବିଧ ଆଦିବାସୀ ଭାଷା ମୋତେ ଆହୁରି ସୁବିଧା ଓ ସୁଯୋଗ ଦେଇଥିଲା । ମୁଁ ଦେଖିଛି ଯେ ଅନ୍ତତଃ ବଙ୍ଗଳା ଭାଷା ତୁଳନାରେ ଓଡ଼ିଆ ଭାଷାର ଶବ୍ଦଭଣ୍ଡାର ବହୁତ ବଡ଼ ଓ ବହୁତ ନିଭୁଟା ।" [୪୩]

---

(୪୩) ଗଳ୍ପ—୧ମ ସଙ୍କଳନ, ପୃ ୮୩

ଗୋପୀବାବୁଙ୍କ ଏ ଉକ୍ତି ଭିତରେ ସମଗ୍ର ଓଡ଼ିଆ ଜନଜୀବନର ଧାରାକୁ ରୂପାୟିତ କରିବା ପାଇଁ ସେ ଯେଉଁ ଭାଷାକୁ ଗ୍ରହଣ କରିଛନ୍ତି ତାହା ସରଳ, ଭାବଦ୍ୟୋତକ, ନିପଟ ଗାଉଁଲି ଓଡ଼ିଆଣୀର ଭାଷା ଏଥିରେ ଭିଜେଇଦେଲେ ସନ୍ଦେହ ନାହିଁ।

"ପାଖକୁ ପାଖ ତୁଳନା ମନେପଡ଼େ,—ରଣଜିତବାବୁ, କି ସୁଶ୍ରୀ ଛନଛନିଆ।......ମିଷ୍ଟର ତ୍ରିପାଠୀ—ଆକାରରେ ଖର୍ବ ହେଲେ ବି ଧରଣରେ ଅଛି ଗୋଟାଏ ପ୍ରକାର ମୋହିନୀ, ଦେହର ରଙ୍ଗ କି ପୁଚୁକା ଗାଲର ସଜରଟଣ, କି କପାଳର ଚଢ଼େଇ, କି ଆଖିର ପିଲ୍ଲାଳିଆ ଦୁଷ୍ଟାମି, କି ଖଲ ଖଲ ହେବାଭଳି ଛୋଟ ଛୋଟ କୋଦା କୋଦା ଦାନ୍ତ ଦୁଇଟିର ଭଙ୍ଗୀ କାହିଁରୁ ସେ ମୋହିନୀର ଇଙ୍ଗିତ ମିଳିଲା କହିହେବ ନାହିଁ। ତେବେ,—ଲୋକେ ଅଛନ୍ତି, ଭେକ ଉଠେନ, ଛଟା ନଥାଏ, ତଥାପି ତାଙ୍କଠି ଜୀବନ ଚେଉ ଖେଳାଏ। କିଏ ନିଜକୁ ପ୍ରକାଶେ କଅଁଳ ପଣରେ, କିଏ ଆବୁଖାବୁଡ଼ା ବଳରେ, କାହାର ଅତି ନିଆଶ୍ରା ପଣ ସହାନୁଭୂତି ଉପୁଜାଏ, କାହାର ହେଲେମାପଣ, କାହାର ମସୃଣତା, କାହାର କଣ୍ଠାରୁଦ୍ଧ ଠିଆ ନଣ। ମଣିଷଙ୍କୁ ଜନ୍ତୁମାନଙ୍କ ସଙ୍ଗତ ମିଳେଇ ଦେଖାଯାଇପାରେ,—ଭିତରେ ଇଞ୍ଜିନରେ ବଳ ଥିଲେ ମଣିଷ ଜନ୍ତୁ ଦିଶେ କେତେ ଶୋଭା"।[୫୪] ଏଠାରେ ବିଭିନ୍ନ ବ୍ୟକ୍ତିର ଭେକରେ ଭିନ୍ନତା ଓ ଛଟାରେ ନିଆରା ପଣିଆର ଯେଉଁ ଦ୍ୟୋତନା ତାହା ଯେତିକି ସହଜ ସେତିକି ଗାମ୍ଭୀର୍ଯ୍ୟପୂର୍ଣ୍ଣ।

ପୁଣି ସମଗ୍ର ଓଡ଼ିଶାକୁ ନିଜର ଅତି ଆପଣାର କରି, ସବୁ ଆଞ୍ଚଳିକତାକୁ ଦୂରେଇ ଦେଇ ଲେଖକ ବସୁଧୈବ କୁଟୁମ୍ବକମ୍ ନ୍ୟାୟରେ ସଙ୍ଗୀତମୟୀ ସମ୍ବଲପୁରୀ ଭାଷାଠାରୁ ଆରମ୍ଭ କରି

(୫୪) ଦାନାପାଣି—୧ମ ସଂ, ପୃ ୨୨୭

ଦକ୍ଷିଣୀ କୋରାପୁଟିଆ ଭାଷା ପର୍ଯ୍ୟନ୍ତ ସବୁକୁ ଆତ୍ମସ୍ଥ କରି ଯଥୋପଯୁକ୍ତ ଭାବରେ ତାକୁ ବ୍ୟବହାର କରିବାରେ କମ୍ ଓସ୍ତାଦୀର ପରିଚୟ ଦେଇ ନାହାନ୍ତି "ବଡ ଖରାପ ଲୋକ ଏଟା, କସ୍ କରିବ, ବର୍ଷ ହେବାକୁ ଖୋଲି ଦେବା ନିମନ୍ତେ ୨୫ ଟଙ୍କାକୁ ଗୋଟି ରଖିଲା ପାଞ୍ଚ ବରଷକୁ, କେବେ ଟଙ୍କା ଛୁଟିବ କି ନାଇଁକି, ଭଲ ମାଇଜି ଆଣିଲି ମୁଇଁ । ଧନଗଡ ଖାଲି ଜାଠି ଲଗେଇଲା ମୋର ସାଙ୍ଗେ ମୋର ଧାଂଡୀ । କସ୍ ହବା ହେବା ବୋଲି କହୁଛୁ ସବୁଦିନେ ମାଁଇକାଉଁ କିଛି ନାହିଁ, ପୁଣି କାଠ୍ ଟଙ୍କା ଖାଇକରି ମୋର ବୋପା ମାଁ ତାହାକୁ ଦେଇଦେବେ ମୋତେ, ସେତେବେଳେ ମୁଇଁ କସ୍ କରିବି ? ତାର ବୋପା ମିଶା ଅଚ୍ଛା ଗଟି ଲୋକୁଟେ ବନ୍ଧୁ ପରଜା, ନାଇଁ ବୋଇଲେ ନାଇଁ, ଗୋଟି ଗଲି । ଏବେ ଦେଖୁଚି ଦୁଇ ମାଇଜି ଅଣ୍ଡ୍ରା । ଆସାମ ପଳେଇଲେ ଭଲହେବ, ସବୁ ଉକତ ମାଇଁସ ଝୁଣି କରି ଖାଉଚି ।" [45] ଭାଷାର ଅପୂର୍ବ ସମ୍ମୋହନୀ ଯାଦୁକରୀ ସ୍ପର୍ଶ ଯେ ଲେଖକଙ୍କୁ ଏତେ ଲୋକପ୍ରିୟ କରିପାରିଛି ଏଥିରେ ଦ୍ୱିମତ ହେବାର ଅବକାଶ ନାହିଁ ।

"ଖାଲି ମଲାପରେ, କାଁଳକାଣ୍ଡି ଟୋକା ଏ ଧଳଣ୍ଡୁ ଲେଞ୍ଜୁ କନ୍ଧକୁ ଲାଗେ ଯେତିକି ତା ପ୍ରତି ଟାଣ ଟାପରା, ତା'ର ଥୁଣ୍ଟା ଲଣ୍ଡା ଜୀବନଟା ପ୍ରତି ଗୋଟାଏ ଦାରୁଣ ବିଦ୍ରୁପ ।" [46] ଲେଞ୍ଜୁ କନ୍ଧ ମନର ଛୁଆ ଛୁଆ କଥା ସବୁକୁ ଅତି ସଂକ୍ଷେପରେ ଓ ସୂଚନାତ୍ମକ ଭାବରେ କେବଳ ଦୁଇଟି କଥା 'ଥୁଣ୍ଟା ଲଣ୍ଡା ଜୀବନ ଓ ଦାରୁଣ ବିଦ୍ରୁପ ମାଧ୍ୟମରେ ଲେଖକ ଏଠାରେ ପ୍ରକାଶ କରିଛନ୍ତି । ଏହି ଥୁଣ୍ଟା ଲଣ୍ଡା ଜୀବନ କଥା ପର୍ଯ୍ୟାଲୋଚନା କଲେ ସମାଜରେ

(୪୫) ପରଜା—୧ମ ସଂ, ପୃ ୦ ୨୮

(୪୬) ଅମୃତର ସନ୍ତାନ – ଦ୍ୱିତୀୟ ପ୍ରକାଶ, ପୃ ୯୦

ଜଣକର ଜୀବନ କେତେ ଅଶାଂନ୍ତିପୂର୍ଣ୍ଣ ତାହା ସହଜରେ ଅନୁମାନ କରିହୁଏ । ତା' ସ୍ତ୍ରୀକୁ ବାଘ ଖାଇଲା ପରେ ଜୀବନର ସବୁତମା ଶିରଦନ ପାଇଁ ପାଟଳଭ ହୋଇଛି—ବଣ ଜଙ୍ଗଲର ଅଳେଣ୍ଡା ଶୁଖିଲା ପୋକଖିଆ କାଠପରି ସେ ହୋଇଛି ଗୋଟାଏ ଶୁଖିଲା ଧୂଣ୍ଡା ଲଣ୍ଡା ଗଛ । ସମାଜର ଏକ ଅଦରକାରୀ ଜୀବ ।

ସେଇପରି "ପିବାକୁ ଖରାପ ଲାଗୁଥାଏ ତଣ୍ଡି ମାଡ଼ୁଥାଏ, ଆସ୍ରମରେ ଘୋଡ଼ିପୁଡ଼ି ହୋଇ ଜଣେ ଶୋଇଥିବ, ଆଉ ଜଣେ କଏ ହଲେଇ ହଲେଇ ଉଠେଇ ଦେଲେ ଯେପରି ଲାଗେ ।"[୪୭] ଅତି ସାଧାରଣ ଉପମାଟିଏ । ନିତିଦିନିଆ ଜୀବନରେ ପ୍ରତ୍ୟେକେ ଏହାକୁ ଅଙ୍ଗେ ଲିଭାଇଛନ୍ତି । ଝାମ୍ପା, ବୁଢ଼ା କନ୍ଧଗୋଷ୍ଠୀ ପ୍ରାଚୀନତାର ପୂଜାରୀ ସାଜି ସେମାନଙ୍କର ପରଂପରାକୁ ଜାବୁଡ଼ି ଧରି ରଖିବା ପାଇଁ ବ୍ୟାକୁଳତା ପ୍ରକାଶ କରୁଥିଲାବେଳେ ଆଧୁନିକତାର ପୃଷ୍ଠପୋଷକତା କରୁଥିବା ଯୁବସମାଜ ଏହାକୁ ସ୍ୱୀକାର କରିପାରି ନାହାନ୍ତି । ଆଧୁନିକ ପ୍ରଗତିବାଦୀ ଯୁଗରେ ଏଇ ବୃଦ୍ଧକୁଳ ଯେ ଜନ୍ମାନ୍ତର ପ୍ରତିରୋଧକ-ସ୍ତମ୍ଭ ସଦୃଶ ଏହା ମୁହଁରେ ବ୍ୟକ୍ତ ନକରି "ବୁଢ଼ାମାନଙ୍କ ଆଡ଼କୁ ରାଗରେ ଅନେଇ ଲଣ୍ଡାଏ ଛେପ ପକାଇ ଦେଇ ଭୂଇଁରେ ଗୋଇଠା ମାରି ହଉଡ଼ୁ ସାଙ୍ଗିତା ଘରକୁ ଫେରିଲା ।"[୪୮] ଏହି ଲଣ୍ଡାଏ ଛେପ ପକାଇଦେବା ଅଥବା ଭୂଇଁରେ ଗୋଇଠା ମାରିବା ବାହାରକୁ ଯେତେ ସହଜ, ସରଳ ଓ ଅର୍ଥହୀନ ଭାବରେ ହୃଦ୍‌ବୋଧ ହେଉଥିଲେହେଁ ବାସ୍ତବିକ ଏହା ସେତେ ସରଳ ନୁହେଁ

---

(୪୭) ତତ୍ରୈବ ପୃ ୭୫
(୪୮) ତତ୍ରୈବ ପୃ ୫୬୫

ବରଂ ଅଧିକ ପରିମାଣରେ ଅର୍ଥଯୁକ୍ତ । ତେଣୁ ଘଟଣାର ସଂପୃକ୍ତ ଓ ଉପସ୍ଥିତି ସହଜରେ ପାଠକ ଅନୁଭବ କରିପାରେ ।

ଦାନାପାଣି ଉପନ୍ୟାସରେ ମି: ଶର୍ମାଙ୍କ କଥା ଉପସ୍ଥାପିତ କଲାବେଳେ ଫର୍ମା ଅଦମିକାର ଯେଉଁ ଚିତ୍ର ଲେଖକ ଦେଇଛନ୍ତି ତାହା ବାସ୍ତବିକ ଅତ୍ୟନ୍ତ ହୃଦୟଗ୍ରାହୀ ହୋଇପାରିଛି । ଏକ ସତେଜ, ସୁନ୍ଦର, ପ୍ରଫୁଲ୍ଲ ତରୁଣ, ପ୍ରଚୁର ସ୍ୱାସ୍ଥ୍ୟ ଓ ମନର ନିରୋଗତାର ସୂଚନା—"ଅତଏବ ନିଧିଙ୍କ ମନରେ ଆନନ୍ଦ ଅଥବା ଆନନ୍ଦ ବଦଳରେ ସୁଖ ଆମୋଦ ଖୋଜିବାକୁ ପୂର୍ଣ୍ଣ ଉତ୍ସାହରେ ଲାଗି ପଡ଼ିବାକୁ ତାଙ୍କୁ ସୁଯୋଗ ଦେଇଛି ଜୀବନ, ଶର୍ମା ବଢି ଉଠିଛନ୍ତି ସାଇତା ହୋଇଥିବା ବଗିଚାରେ କୁଣ୍ଡର କ୍ରୋଟନ୍ ଗଛପରି । ସେ ଗଛର ଚେର ଚାରିପଟେ ଖପରିର କାନ୍ଥକୁ ଭେଟେ, କିନ୍ତୁ ଜନ୍ମରୁ ଅଭ୍ୟାସ, ପରିସୀମାର ବେଡ଼ା ତାକୁ ଆକୁଳ କରେ ନାହିଁ । ଜଣେ ଅଛି ପୁରୁଣା ଚେରକାଟି ପୋପାଡ଼ି ଦେବାକୁ, ପୁରୁଣା ମାଟି ପୋପାଡ଼ି ଦେଇ ନୂଆ ମାଟି ଦେବାକୁ, ପ୍ରଚୁର ପାଣି ଦେବାକୁ, ପୁଣି ଖୁଣ୍ଟିବାକୁ, ସଜେଇବାକୁ । କଏ କଣ ସେବା ଦିଏ ଭାବିବାକୁ ମନ ଭିତରେ ପିଅ ନାହିଁ, ଭାବିବା ଆବଶ୍ୟକ ପଡ଼ିନାହିଁ । ଖାଲି ସବୁ ଗୁଆଁକୁ ଘଟେ, ତେଣୁ ଘଟିବା ଉଚିତ । ସତେଜ, ସବଳ, ସରସ । କୁଣ୍ଡର ପ୍ରିନ୍ସ୍ ଅଫ୍ ୱେଲସ୍ କ୍ରୋଟନ ଗଛ ମୋଡ଼ି ମୋଡ଼ିକା ଲମ୍ବ ଲମ୍ବ ପତ୍ର ଝୁଲାଇ ତଳର ଘାସ ଅଭିମାନମାନଙ୍କ ଓ କାଇଗଣ ଗଛ ଉପରେ ଆପଣାର ଉତ୍କର୍ଷ ଫୁଟାଏ, ନ ହେଲା ବା ସେ ଖାଦ୍ୟ ପରିବା, ଅଥବା ସୁଗନ୍ଧ ପୁଷ୍ପ, ତଥାପି ସେ ଜଣେ କେହି, ସେ ବଡ଼, ସେ ମାନ ପାଏ, ଆଜି ସାଇତା ହୁଏ । ବଗିଚ୍ଛମସୁ ସମାଜରେ ତାର ଉଚ୍ଚ ଆସନ, ମାଟିର ଗଛ

ମାଡ଼ ଆସିଲେ ଝୁପି ଆସିଲେ ଜଣେ କେହି ଅଛି ଯେ ତାର ବ୍ୟବସ୍ଥା କରିବ, କୁଣ୍ଡ ପୁଞ୍ଜେଇବ କମ୍ବା ଅଗଲୁ ହାଣିବ, ଜଣେ ଅଛି ଯାହା ଦେଇ ତାର ନା, ବଗିରିର ମାଲ ବା ସମାଜର ବାପ କି ଶ୍ୱଶୁର କି ବନ୍ଧୁ । ସେ ସମାଜର ସୃଷ୍ଟି, ଯେତେଦିନଯାଏ ସେ ଅଛି, ବଗିରି ଅଛି, ସମାଜ ଅଛି ସେତେଦିନଯାଏ ତା ଲେଖାରେ ସୃଷ୍ଟି ବଞ୍ଚି ରହିଛି । ଭଗବାନ ଅଛନ୍ତି, ଦୁନିଆ ଚଳି ଚାଲିଛି ।"[୪୯] ସମାଜରେ ନିଜର ସୀମିତ ପରିସର ମଧ୍ୟରେ କୁଣ୍ଡ ଭିତରେ ଢୋଟନ ଗଛ ଶୋଭା ପାଇଲାପରି, ପୁଣି ଆମର ଅତି ଆବଶ୍ୟକୀୟ ଦରକାରୀ ବସ୍ତୁକୁ ଉପେକ୍ଷା କରି ଅନେକ ସମୟରେ ଫମ୍ପା ଅହମିକାର ହାତ୍ରଦେଇ ଆମେ ବାହାରକୁ ମୁଣ୍ଡ ଟେକାଇଲା ପରି, ଲମ୍ବ ଲମ୍ବ ମୋଡ଼ ମୋଡ଼ିବା ପଥ ଝୁଲାଇ ସମାଜ-ପତିମାନେ ସମସ୍ତଙ୍କର ସ୍ନେହ, ଶ୍ରଦ୍ଧା, ସମ୍ମାନ ଲାଭ କରିଥାନ୍ତି । ସେଇମାନେ ସମାଜର ଆଦର୍ଶସ୍ଥାନୀୟ, ନେତୃସ୍ଥାନୀୟ, ମାନ୍ୟଗଣ୍ୟ ବ୍ୟକ୍ତି । ପ୍ରକୃତ କର୍ମୀ ବଗିରିର ଟମାଟୋ, ବାଇଗଣ ଗଛପରି ଅନାଦର ଗଛ ସଙ୍ଗେ ଯୋଡ଼ି ହୋଇଯାଏ । ଅବଜ୍ଞାସୂଚକ ଦୃଷ୍ଟିଭଙ୍ଗୀରେ ମନଟା ତା ପ୍ରତି ଶଢେଇ ଉଠେ । ଉପରୋକ୍ତ ବର୍ଣ୍ଣନାରେ ମି: ଶର୍ମାଙ୍କ କଥା ସାଧାରଣ ପାଠକ ଭୁଲି ଯାଇଥିଲେହେଁ ଶୈଳୀର ଗତି ଏତେ ପ୍ରଖର ଓ ତୀବ୍ର ଯେ ପାଠକକୁ ସ୍ୱତଃ ଏହା ଆଗକୁ ଟାଣି ନେଇଯାଏ ।

ପ୍ରଶ୍ନାତ୍ମକ ଭାଷାର ବ୍ୟବହାର ଓ ପ୍ରୟୋଗ ଗୋପୀ ବାବୁଙ୍କର ଅନ୍ୟ ଏକ ବୈଶିଷ୍ଟ୍ୟ । ମାଟିମଟାଳ ଉପନ୍ୟାସରେ ମାଟିଆଳ ଗାଁରେ ଦେଖାଯାଇଥିବା ବରଗଛ ଓସ୍ତଗଛ ଚତୁଃପାର୍ଶ୍ୱସ୍ଥ କ୍ଷୁଦ୍ର ଓ ସୀମିତ ଜୀବନର ପ୍ରତୀକ । ନିର୍ବିକାର ଠାଣି ସାକ୍ଷୀ ଓସ୍ତଗଛ

---

(୪୯) ଦାନାପାଣି — ୧ମ ସଂ, ପୃ ୨୫୭-୫୮

ଗ୍ରାମ୍ୟ ଜୀବନର ସଂହତିକୁ ଜାବୁଡ଼ି ଧରି ମୁଣ୍ଡଟେକି ଛିଡ଼ା ହୋଇଛି "କେତେକାଳର ପ୍ରାଚୀନ ଗଛ । ତାହାରି ଛାଇତଳେ ମଣିଷ ଦଳ ଭିତରେ ଏତେବଡ ଐତିହାସିକ ନିଷ୍ପତ୍ତି ଘଟିଗଲା, ତାର ପରିବର୍ତ୍ତନ ନାହିଁ, ସେ ଅବିଚଳିତ । ସେମିତି ଚଢ଼େଇମାନେ ଏ ଡାଳରୁ ସେ ଡାଳ ଉଡ଼ି ବୁଲୁଛନ୍ତି; ସବୁଜ ପତ୍ର ସେମିତି ତାର ମହମ-ବୋଳା ପିଠ ସନ୍ଧିରେ ଛାଇ ଆଲୁଅ ଲୁଚକାଳି ଖେଳୁଛନ୍ତି । ତଳେ ଶୋଇଛନ୍ତି ଆସି ମହାଦେବଙ୍କ ବୁଢ଼ାଷଣ୍ଢ, ପାକୁଳି କରୁଛି । ପୁରୁଣା ଓସ୍ତଗଛ ପତ୍ରଙ୍କ ସମସ୍ତ ଲହରୀରେ ଛାଇଟିଏ, ସୃଷ୍ଟିଦେଖି, ସୁଖ ଦୁଃଖର ସ୍ପର୍ଶ ବାଧେ ନାହିଁ । ବୃକ୍ଷଶାଖାର ବସ୍ତୁବୋଧ ତାକୁ ଛୁଏଁ ନାହିଁ ଅଥବା ସେଠି ଏକା ସ୍ଥୂଳ ବସ୍ତୁ । ତାକ ବୃକ୍ଷପାଖେ ସବୁ ଛାଇ ।" ୫୦ ଏ ସଂହତି ପରବର୍ତ୍ତୀ ପର୍ଯ୍ୟାୟରେ ସମସ୍ୟାକ୍ରମେ ପରିବର୍ତ୍ତିତ ହୋଇଛି । ତାର ଡାଳ ଦୁଇଟା କଟା ହେବା ସଙ୍ଗେ ସଙ୍ଗେ ଗ୍ରାମ୍ୟ ଜୀବନର ସଂହତି ସତେ ଯେମିତିକି ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ଯାହା ବାକି ରହିଯାଇଛି ଗୋଟାଏ ମନର ବିକାର ଶବ ପରି, ଭୂତ—"ବନ୍ଧ ଉପରୁ ଗଛଟାକୁ ଚାହିଁଲି । ଏ ପାଖେ ତଳର ଦ'ଠା ଡାଳ ଝୁଙ୍କା ହୋଇ କେତେଦୂର ମାଡ଼ିଥିଲା, ଆଜି ସେ ନାହିଁ । ତା ପରିବର୍ତ୍ତେ ଖୋଲାଏ ଖୋଲାଏ ଦିଶୁଛି ନଈ ଉପରର ମିଞ୍ଜି ମିଞ୍ଜି ଛାଇ ଅନ୍ଧାର । ଗୋଟାଏ ପାଖ ଲଣ୍ଡାଳିଆ ହୋଇ ଗଛଟା କେମିତି ଦିଶୁଛି ହାତକଟା ଭୂତପରି । × × × ଡାଳ ଦ'ଠା ପାଖ ହେଲେ କଥା ବନ୍ଦ ହୋଇଯାଏ । ଛାତିଟା ଛୁଇଁକଣା ଲାଗେ । ଭୁନୁ ଭୁନୁ କଥା କହି ଆଡ଼େଇ ଆଡ଼େଇ ଲୋକେ ଚାଲିଯାଉଥାନ୍ତି । ଡାଳ ନୁହେଁ, ଦ'ଠା ଶବ ।" ୫୧

---

(୫୦) ମାଟିମଟାଳ — ୧ମ ସଂ, ପୃ ୨୯୪

(୫୧) ତତ୍ରୈବ ପୃ ୨୯୫

ଗଦ୍ୟ ଭାଷାହିଁ ଉପନ୍ୟାସର ଶ୍ରେଷ୍ଠ ଭାଷା । ଗଦ୍ୟର ବର୍ଣ୍ଣନା କବିତା ଅପେକ୍ଷା ମଧ୍ୟ ଅଧିକ ଭାବପୂର୍ଣ୍ଣ ହୋଇପାରେ । ବସ୍ତୁତାନ୍ତ୍ରିକ ଯୁଗରେ ପଦ୍ୟର ସ୍ଥାନ ନାହିଁ । ତେବେ ଉପନ୍ୟାସର ଭାଷା କଳାତ୍ମକ ହେଲେ ବିଶେଷ ହୃଦୟଗ୍ରାହୀ ହୋଇଥାଏ । ଗୋପୀନାଥଙ୍କ ଭାଷାର ରୂପକଳ୍ପ, ଚିତ୍ରକଳ୍ପ ଓ ପ୍ରତ୍ୟେକ ପଦରେ କବିଭାବ ସୁଲଭ ଚିନ୍ତାଧାରା ଉପନ୍ୟାସଗୁଡ଼ିକୁ ଜୀବନ୍ତ କରିପାରିଛି । ଆଜିର ଏଇ ପାହାଡ଼ରେ ବର୍ଷାର ଚିତ୍ର ଦେବାକୁ ଯାଇ ପରଜା ଉପନ୍ୟାସରେ ଲେଖକ ଦର୍ଶାଇଛନ୍ତି "ଆଉ ଶବ୍ଦ ! ବର୍ଷାର ମୁନ ପନ୍ତ ପାଣିର ଧାର ତେର୍ଚ୍ଛା ତେର୍ଚ୍ଛା ଛେଚି ଦେଇଯାଏ—ପାହାଡ଼ ନଦଣ ହାଉଳିଖାଏ । ରାତି ହେଲେ ଯେତେ ପ୍ରକାର କେ କଟର ଶବ୍ଦ ଆଉ ମହିରେ ମହିରେ ଲୁଣ୍ଡିରଖା କାନ୍ଦଣୀର ଝଙ୍କାର ପର ଶବ୍ଦ କର ପାଣିମିଶା ପବନ ଖୋଜିଲା ଖୋଜିଲା ପରି ଥରେଇ ହଲେଇ ମାଡ଼ି ଗଲେ ।" "*" ଏଥିରେ ପ୍ରତ୍ୟେକ ପଂକ୍ତିରେ କାବ୍ୟକ ସ୍ପନ୍ଦନ ଭରି ରହିଛି । ଲେଖକଙ୍କ ଲସୁବଲୟ ମଧ୍ୟ ସେହିପରି ଏକ ପଦ୍ୟମୟ ଗଦ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ । ଏହାର ଭାଷାର ସାରଲ୍ୟ, ନିଷ୍ପ୍ରାଣ ବ୍ୟକ୍ତିର ଅନ୍ତରରେ ମଧ୍ୟ ଏକ ଅପୂର୍ବ ଗୁଞ୍ଜରଣ ସୃଷ୍ଟି କରେ ।

ସର୍ବଶେଷରେ ଲୌକିକ ଭାଷାର ପ୍ରୟୋଗ ସଙ୍ଗେ ସଙ୍ଗେ ନୂତନ ଶବ୍ଦ ଓ ପ୍ରକାଶ କୌଶଳର ମାଧୁର୍ଯ୍ୟ ଗୋପୀନାଥଙ୍କ ଉପନ୍ୟାସର ଅନ୍ୟ ଏକ ବୈଶିଷ୍ଟ୍ୟ । କଧଡ଼କ, ଭିନଟୋଳିଆ, ଅଦୋଉଷ୍ଟ, ମସଗୁଲ, ପାଣିଚମ୍ପା, ପଣ୍ଡଆଗ, ଫିମ୍ପିମରା, ଫୁଙ୍ଗା, ହରଷ୍ଟ୍ରାକ ନପାଣିଆଁ, ଲଠିଏତେକ, ମହଲଣ, ଫୁଲଫାକଂଡ଼ିଆ, ଦୋତକାଗଜ ଆଦି କପଟ ଓଡ଼ିଆଣୀ ଭାଷାର ନବଉନ୍ମେଷର ସନ୍ଧ୍ୟାପ୍ରକାଶ ସଙ୍ଗେ ଗାନ୍ଧିଙ୍କ ପ୍ରବାଦ ପ୍ରବଚନଗୁଡ଼ିକର ଅପୂର୍ବ

(୫୨) ପରଜା – ୧ମ ସଂ, ପୃ ୦୭୫

ସମ୍ମେଳନ ତାଙ୍କ ଉପନ୍ୟାସକୁ ଆହୁରି ସୁନ୍ଦର କରିପାରିଛି । 'ହାଣ୍ଡିରେ ପୂରେଇ ଫାଣ୍ଡିକ କେବା', ବଉଳଆ ନଶା, ସବୁରି ହରି ମେଣ୍ଢା ଫଳିବ, ମନ ଝିଁଣ୍ଝିଁଣେଇ ଉଠିବା, ସୁଣ୍ଢା ସୁଣ୍ଢା ଚେଭବା, ଟିମ୍ପୁଡ଼ି ବଢ଼ି ବଢ଼ି ହାଣ୍ଡି ହେବା, ନଇମୁଣ୍ଡ ଡାକିବା, ମାଟିର ସିଟାସ୍ତ୍ରୀ ଜଗତ ସନ୍ଧର୍ଭ ଆଦି ଏ ପ୍ରସଙ୍ଗରେ ଉଲ୍ଲେଖଯୋଗ୍ୟ । ଏ-ସବୁକୁ ସାହିତ୍ୟିକ ମୂଲ୍ୟବୋଧ ଦେଇ ଶବ୍ଦଶିଳ୍ପୀ ଗୋପୀନାଥ ନିଷ୍ଠିତ ଭାବରେ ସମ୍ମାନାର୍ହ । ରମନାଥ ପଣ୍ଡାଙ୍କ ଭାଷାରେ "ଭାଷା ସମୁଦ୍ରକୁ ମନ୍ଥନ କରି ସେ (ଗୋପୀନାଥ) ଅମୃତର ସନ୍ଧାନ ପାଇଛନ୍ତି, ସେଥିପାଇଁ ତାଙ୍କ ଉପନ୍ୟାସରେ ପ୍ରାଣ ସ୍ପନ୍ଦନ ହୁଏ, ମନ ପ୍ରସାରିତ ହୁଏ, ହସ ମାଡ଼େ, କାନ୍ଦ ବି ମାଡ଼େ । ସାଧନା ଦ୍ୱାରା, ତପସ୍ୟାଦ୍ୱାରା ମଣିଷ ସିଦ୍ଧିଲାଭ କରେ । ଯୋଗଦ୍ୱାରା ଆଧ୍ୟାତ୍ମିକ, ଅଲୌକିକ ଦକ୍ଷତା ଏବଂ ଶକ୍ତି ବୃଦ୍ଧି ହୋଇଥାଏ । ଔପନ୍ୟାସିକ ଗୋପୀନାଥ ମହାନ୍ତିଙ୍କ ଉପନ୍ୟାସଗୁଡ଼ିକୁ ପଢ଼ିଲେ ମଧ୍ୟ ଏହି ଯୋଗ ତପସ୍ୟା, ସାଧନା କଥା ହିଁ ମନେପଡ଼େ । ଏହାବିନା ଏଭଳି ଗ୍ରନ୍ଥ ଲେଖନ ସମ୍ଭବ ହୁଅନ୍ତା ନାହିଁ ।"[୫୩]

---

(୫୩) ସାହିତ୍ୟ ସମାଚାର—୧ମ ବର୍ଷ ୧୨ଶ ସଂଖ୍ୟା